## ୪ ଦୋକାନ ସିଲ୍, ୮୫ ହଜାର ଜରିମାନା

କେସିଙ୍ଗା (ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ସହରର କେତେକ ଦୋକାନ କୋଭିଡ୍ ନିୟମ ଉଲ୍ଲଂଘନ କରୁଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ସୋମବାର ସହର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୪ ଦୋକାନ ସିଲ୍ କରାଯାଇ ୮୫ ହଜାର ଜରିମାନ ଆଦାୟ କରାଯାଇଛି। ଅର୍ଜୁନ ମାଝିଙ୍କ ନେତୃତ୍ୱରେ ନୃସିଂ ବେହେରା, ଶିଶିର ବିଶି, ମୋହନ ସାହୁ, କେସିଙ୍ଗା ପୋଲିସ ଟିମ୍ ଉପସ୍ଥିତିରେ ଏହି ଚଢ଼ାଉ କରାଯାଇଥିଲା।

## ସଂକ୍ଷେପରେ

### ବସ୍ତା ପ୍ରତି ୮କେଜି କଟନୀ, ଚାଷୀ ଅସନ୍ତୋଷ

ବିନିକା,୩୧।୫(ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ମେ ୧୭ରୁ ରବିଧାନ କିଣା ଆରମ୍ଭ ହୋଇଛି। ବିନିକା ଅଞ୍ଚଳର ୮ଟି ପ୍ୟାକ୍ସରୁ ୧୫ ମିଲର୍ସ ଏବଂ ୩ଟି ମହିଳା ଗ୍ରୁପ୍ ମାଧମରେ ଚାଲିଛି ଧାନକିଣା। ତେବେ ଗତ ଦୁଇଦିନ ହେଲା ସନ୍ଧ୍ୟାରେ କାଳବୈଶାଖୀଜନିତ ଝଡ ତୋଫାନ ବର୍ଷା ଯୋଗୁ ଅମଳ ଓ ଖଳାରେ ଥିବା ଧାନ ଓଦା ହୋଇଯାଇଛି। ଅମଳ ଧାନକୁ ଟୋକନ ପାଇଥିବା ଚାଷୀ ମିଲ୍‌କୁ ନେଉଛି। ତେବେ ୧୭ ପ୍ରତିଶତରୁ ଅଧିକ ଆଦ୍ର ଏବଂ ମଇଳା ଥିବା କହି ପ୍ୟାକ୍ସରେ କୁଇଣ୍ଟାଲ ପିଛା ୮ରୁ ୯ କେଜି କାଟି ଦିଆଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି।

### ବଜ୍ରପାତରେ ନାବାଳକ ମୃତ

ଗୋଲାମୁଣ୍ଡା, ୩୧।୫ (ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅଧୀନ ସିନାମାଲ ଗ୍ରାମର ପଙ୍କଜ ନାଗଙ୍କ ସାନ ପୁଅ ନରେନ୍ଦ୍ର(୧୦)ଙ୍କ ବଜ୍ରପାତରେ ସୋମବାର ମୃତ୍ୟୁ ଘଟିଛି। ପୁଅକୁ ହରାଇ ମା'ବାପା ଦୁଃଖରେ ଭାଙ୍ଗି ପଡିଛନ୍ତି। ସୂଚନା ମୁତାବକ ନରେନ୍ଦ୍ର ଖାଇ ସାରି ହାତ ଧୋଇବାକୁ ଘରୁ ଦୁଆର ମୁହଁକୁ ବାହାରିବା ସମୟରେ ହଠତ୍ ବଜ୍ରପାତ ହୋଇଥିଲା। ହଠାତ୍ ସେ ତଳେ ପଡିଯାଇଥିଲେ। ତୁରନ୍ତ ତାଙ୍କୁ ଅମ୍ବୁଲାନ୍ସରେ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଗୋଲାମୁଣ୍ଡା ଥାନାରେ ମୃତକ ବାପା ଲିଖିତ ଭାବେ ଜଣାଇଛନ୍ତି। ମଙ୍ଗଳବାର ମୃତଶରୀର ପଞ୍ଚନାମା ହେବ ବୋଲି ଦଶପୁର ଫାଣ୍ଡି ଅଧିକାରୀ ଚନ୍ଦ୍ର ହାସ୍ୟ ସାହୁ ପ୍ରକାଶ କରିଛନ୍ତି।

### ଅସହାୟ ବୃଦ୍ଧାଙ୍କୁ ସହାୟତା କଲେ ସ୍ୱେଚ୍ଛାସେବୀ

ଲୋଇସିଂହା,୩୧।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଲୁହୁରାମୁଣ୍ଡା ଗ୍ରାମରେ ଅସହାୟ ଅବସ୍ଥାରେ ଥିବା ଜଣେ ବୃଦ୍ଧଙ୍କୁ ଆଗଲପୁର ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ କର୍ମକର୍ତ୍ତା ସୋମବାର ସହାୟତା କରିଛନ୍ତି। ବୃଦ୍ଧ ଜଣକ ହେଲେ ବରଗଡ ଜିଲା ପାଇକାମାଲ ନିକଟସ୍ଥ ଧରଜଗଡ ଗ୍ରାମର ବସନ୍ତ ଭୋଇ(୬୦)। ସ୍ୱେଚ୍ଛାସେବୀମାନେ ପଦ୍ମପୁର ଉପଜିଲାପଳଙ୍କ ନିର୍ଦ୍ଦେଶକ୍ରମେ ଏନଏସି କର୍ତ୍ତୃପକ୍ଷଙ୍କ ନିକଟରେ ସୋମବାର ଜିମା ଦେଇଛନ୍ତି। ବସନ୍ତଙ୍କ ଗୋଟିଏ ପୁଅ ଓ ଝିଅ ଅନାଥାଶ୍ରମରେ ରୁହନ୍ତି। ବସନ୍ତ ଗାଁଗାଁ ବୁଲି ଚେରିମୂଳି ବିକ୍ରିକରି ଗୁଜୁରାଣ ମେଣ୍ଟାଇଥାନ୍ତି। ଦୁଇଦିନ ତଳେ ଲୁହୁରାମୁଣ୍ଡାକୁ ଆସିଥଇଲେ। ଲକ୍‌ଡାଉନ ଯୋଗୁ ସେ ଘରକୁ ଫେରି ପାରି ନଥିଲେ। ଗ୍ରାମବାସୀ ତାଙ୍କୁ ଖଣଦ୍ୟପେୟ ଦେଉଥିଲେ। ଖବର ପାଇ ସ୍ଥାନୀୟ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ସଭାପତି ପ୍ରେମାନନ୍ଦ ପଧାନ, ସଂଯୋଗ କୁମାର ସାହୁ, ବୁଦ୍ଧଦେବ ସାହୁ, ବିଟୁ ନାଏକ ଲୁହୁରାମୁଣ୍ଡାରେ ପହଞ୍ଚି ବୃଦ୍ଧ ସହ ଆଲୋଚନା କରିଥିଲେ। ପରିଚୟ ପାଇବା ପରେ ସ୍ୱେଚ୍ଛାସେବୀମାନେ ବସନ୍ତଙ୍କୁ ନେଇ ପଦ୍ମପୁର ଯାଇଥିଲେ। ଉପଜିଲାପାଳଙ୍କ ସହ ଆଲୋଚନା ପରେ ଏନଏସି କର୍ତ୍ତୃପକ୍ଷଙ୍କ ଜିମାଦେଇଥିବା ସ୍ୱେଚ୍ଛାସେବୀମାନେ କହିଛନ୍ତି।

### ଶୋକସଭାରେ କୈଳାସ ସାହୁଙ୍କ ସ୍ମୃତିଚାରଣ

ଟିଟିଲାଗଡ, ୩୧।୫ (ଡି.ଏନ.ଏ.): ଦିବଂଗତ ବରିଷ୍ଠ ଖବରଦାତା କୈଳାସ ସାହୁଙ୍କ ବିୟୋଗରେ ଓୟୁଜେ ବଲାଙ୍ଗୀର ଜିଲା ସଂଘ ତରଫରୁ ଟିଟିଲାଗଡସ୍ଥିତ ଏକ ହୋଟେଲରେ ଏକ ଶୋକସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାମ୍ବାଦିକତା ପ୍ରତି କୈଳାସ ସାହୁଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତାଙ୍କ ବିୟୋଗରେ ସାମ୍ବାଦିକ ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ଉପସ୍ଥିତ ଖବରଦାତାମାନେ ମତଦେବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ସଭାରେ ଓୟୁଜେ ଜିଲ୍ଲା ସଭାପତି ଦୀପକ ସମଦାର ଅଧକ୍ଷତା କରିଥିଲେ। ଶରତ ମିଶ୍ର, ଗୋପାଲ ଅଗ୍ରୱାଲ, ଶିବ ପ୍ରସାଦ ପରିଡା, ଅଶୋକ ତ୍ରିପାଠୀ, ସନତ ପାଢ଼ୀ, ସଞ୍ଜୟ ନାୟକ, ହରିଶ ରାୟଠାଥା,ମନୋଜ କୁମାର ଶତପଥୀ, ମାନସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କରୋନାରେ ଆକ୍ରାନ୍ତ ହୋଇଥିବା କୈଳାସ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିବାର କିଛିଦିନ ପରେ ମୃତ୍ୟୁବରଣ କରିଥିଲେ।

# ଭିଜିଲା ଧାନ, ଉଜୁଡ଼ିଲା ଫସଲ

ସୋନପୁର,୩୧।୫(ନି.ପ୍ର.)

## ସୁବର୍ଣ୍ଣପୁରରେ ଝଡ଼ବର୍ଷା, ଚିନ୍ତାରେ ଚାଷୀ

ସୁବର୍ଣ୍ଣପୁର ଜିଲାରେ ସୋମବାର ସନ୍ଧ୍ୟାରୁ ଝଡ଼ବର୍ଷା ଆରମ୍ଭ ହୋଇଛି। ଲଗାଣ ବର୍ଷା ସାଙ୍ଗକୁ ଜୋରରେ ପବନ ବୋହୁଛି। ଧାନ ଅମଳ ସମୟରେ ଏଭଳି ଝଡବର୍ଷା ଯୋଗୁଁ ଜିଲାରେ ରବି ଋତୁ ଧାନ ଫସଲ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। କ୍ଷେତରେ ଥିବା ଧାନ ପେଟା ଉପରେ ପାଣି ଜମି ରହିଛି। ଚାଷୀ ଅମଳ କରି ବସ୍ତାରେ ରଖିଥିବା ଲକ୍ଷାଧିକ ବସ୍ତା ଧାନ ବର୍ଷାରେ ଭିଜି ଯାଇଛି। କ୍ଷେତରେ ଧାନ ଗଜା ହେବାର ଆଶଙ୍କା ସୃଷ୍ଟି ହୋଇଛି। ବସ୍ତାରେ ଥିବା ଧାନ ଗୁଡିକ ଓଦା ହେବା କାରଣରୁ ଧାନ ବିକ୍ରି ସମୟରେ ଚାଷୀ କ୍ଷତି ସହିବେ। ମିଲର୍ସମାନେ ଅଧିକ କଟ୍‌ନି ଛଟ୍‌ନି କରିବେ। କରୋନା କାଳରେ କଠିନ ପରିଶ୍ରମ କରି ଭଲ ଫସଲ ଅମଳ କରିଥିଲେ ଚାଷୀ। ଝଡବର୍ଷା ସେମାନଙ୍କ ଖୁସିକୁ ଛଡାଇନେଇଛି।


ଝଡ଼ବର୍ଷା ଯୋଗୁ କ୍ଷେତରେ କ୍ଷତିଗ୍ରସ୍ତ ଧାନଫସଲ।

ପବନ ସାଙ୍ଗକୁ ତମାମ ଜିଲାରେ ୨ଘଣ୍ଟା ଧରି ବର୍ଷା ହୋଇଛି। ତେଣୁ ହୀରାକୁଦ କମାଣ୍ଡ ଏରିଆରେ ଥିବା ବିନିକା ଓ ଡୁଙ୍ଗୁରିପାଲି ବ୍ଲକର ହଜାର ହଜାର ଚାଷୀଙ୍କ ଫସଲ ଉଜୁଡି ଯାଇଛି। ଉଲୁଣ୍ଡା, ବୀରମହାରାଜପୁର, ତରଭା ଓ ସୋନପୁର ବ୍ଲକରେ ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ଧାନଚାଷ କରିଥିବା ଚାଷୀ ଅଦିନିଆ ବର୍ଷା ଯୋଗୁଁ କ୍ଷତି ସହିଛନ୍ତି। କ୍ଷେତରେ ପାଣି ଜମି ରହିଛି। ଗତ ୧୭ ତାରିଖରୁ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ଜିଲାର ଚାଷୀଙ୍କ ନିକଟରୁ ୯ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ହୋଇପାରିଛି। ଆହୁରି ୧୭ ଲକ୍ଷ କୁଇଣ୍ଟାଲ ଧାନ କିଣା ଯିବାର ଅଛି। ଟୋକନ୍ ଠିକ୍ ସମୟରେ ନ ଆସିବା ଓ ଧାନ କିଣାରେ ଅବ୍ୟବସ୍ଥା କାରଣରୁ ଶତାଧିକ ଚାଷୀଙ୍କ ଟୋକନ୍ ଲାପ୍ସ ହୋଇଯାଇଛି। ସେମାନେ ଧାନ ବିକି ନ ପାରି ବାରଦୁଆର ହେଉଛନ୍ତି। ଅନ୍ୟପକ୍ଷେ ଗୋଦାମ ଘର ନ ଥିବାରୁ ଅଧିକାଂଶ ମଣ୍ଡିରେ ଖୋଲା ଆକାଶ ତଳେ ଚାଷୀଙ୍କ ଧାନ ପଡି ରହିଥିଲା। ଧାନ ବସ୍ତା ଉପରେ ପଲିଥିନ ଢଙ୍କା ହୋଇଥିବା ବେଳେ ପବନ ଯୋଗୁଁ ତାହା ଉଡି ଯାଇଥିବା ବିନିକା ବ୍ଲକ କୌଡିଆମୁଣ୍ଡାର ଚାଷୀ ବିଶ୍ୱାମିତ୍ର ମହାନନ୍ଦ କହିଛନ୍ତି। ସେହିଭଳି ଡୁଙ୍ଗୁରିପାଲି, ରାମପୁର ଓ ସିଂଘିଯୁବା ଅଞ୍ଚଳରେ ହଜାର ହଜାର ବସ୍ତା ଧାନ ଓଦା ହୋଇଯାଇଛି। ବର୍ଷା ଯୋଗୁଁ ତାଙ୍କର ୪୦୦ବସ୍ତା ଧାନ ଓଦା ହୋଇଥିବା ସିଂଘିଯୁବାର ଚାଷୀ ଆଶିଷ ରଞ୍ଜନ ଦାଶ କହିଛନ୍ତି। କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି।

# ଜିଲାପାଳଙ୍କ ହସ୍ତକ୍ଷେପ ପରେ ସିସିସି, ସିସିଆଇକୁ ଗଲେ

ବଲାଙ୍ଗୀର ଅଫିସ, ୩୧।୫

**ଧରିତ୍ରୀ ପ୍ରଭାବ**

- ମା'ବାପାଙ୍କ ମୃତ୍ୟୁ ପରେ ୩ ପିଲା ଅସହାୟ ଘଟଣା
- ୩ ଅନାଥଙ୍କ ଭିତରୁ ଜଣେ ପିଜିଟିଭ ଚିହ୍ନଟ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ପଞ୍ଚାୟତ ଅନ୍ତର୍ଗତ ଗାଁଭଟଲି ଗ୍ରାମର ସୁବଦ ନାଗଙ୍କ ଗତ ୧୮ ତାରିଖରେ ମୃତ୍ୟୁ ହୋଇଥିଲା। ପୂର୍ବରୁ ଗତ ୨୦୧୯ ମସିହା ନଭେମ୍ବରରେ ତାଙ୍କ ସ୍ତ୍ରୀ ଗୋଲପି ନାଗଙ୍କ ମୃତ୍ୟୁ ହୋଇଥିଲା। ନାଗ ଦମ୍ପତିଙ୍କ ମୃତ୍ୟୁ ପରେ ତାଙ୍କର ତିନି ସନ୍ତାନ ଦୁଇ ଝିଅ ଓ ଗୋଟିଏ ପୁଅ ଅସହାୟ ହୋଇଯାଇଥିଲେ। ଏ ସମ୍ପର୍କରେ ସୋମବାର ଧରିତ୍ରୀରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଜିଲାପାଳ ଚଞ୍ଚଳ ରାଣାଙ୍କ ହସ୍ତକ୍ଷେପ ପରେ ସୋମବାର ତିନି ଶିଶୁଙ୍କୁ ଜିଲା ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)ରେ ହାଜର କରାଯାଇଥିଲା। ତିନି ଶିଶୁଙ୍କୁ ଶିଶୁ ଯତ୍ନ ଅନୁଷ୍ଠାନ(ସିସିଆଇ)କୁ ନିଆଯିବା ପୂର୍ବରୁ ସେମାନଙ୍କ କୋଭିଡ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ବଡଝିଅର ରିପୋର୍ଟ ପଜିଟିଭ ଆସିଥିଲା। ପରେ ତାଙ୍କୁ ଲର୍କପାଲି କୋଭିଡ କେୟାର ସେଣ୍ଟର(ସିସିସି)କୁ ପଠାଯାଇଛି। ଅନ୍ୟ ଦୁଇପିଲାଙ୍କୁ ପଥରଚେପା ବାଲ ନିକେତନ (ସିସିଆଇ)କୁ ପଠାଯାଇଛି। ଚଳିତ ମେ ୧୮ତାରିଖରେ ପିତାଙ୍କ ମୃତ୍ୟୁ ପରେ ଛେଉଣ୍ଡ ତିନି ପିଲା ଅସହାୟ ଅବସ୍ଥାରେ ଥିବା ନେଇ ଅଭିଯୋଗ ହୋଇଥିଲା । ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଚାଇଲ୍ଡଲାଇନ୍ ଓ ଜିଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି) ମଧ୍ୟରେ ସମନ୍ୱୟ ଅଭାବରୁ ଅନାଥ ପିଲାଙ୍କ ଯତ୍ନ ଓ ପ୍ରତିପାଳନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଶିଶୁ ମଙ୍ଗଳ କମିଟି ପକ୍ଷରୁ ଡିସିପିୟୁଙ୍କୁ ସମ୍ପୃକ୍ତ ତିନି ଶିଶୁଙ୍କ ଉପଯୁକ୍ତ ଯତ୍ନ ଓ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କମିଟି ଅଧକ୍ଷ ଯୋଗେଶ୍ୱର ମହାନ୍ତି ସୂଚନା ଦେଇଛନ୍ତି ।

# ଟୋକନ ଆସିନି, ମଣ୍ଡି ବନ୍ଦ କଲେ ଚାଷୀ


ମଣ୍ଡିରେ ତାଲା ପକାଇ ଦେଇଥିବା ଚାଷୀମାନେ।

ବାଉଁଶୁଣୀ, ୩୧।୫(ଡି.ଏନ.ଏ.)

ବୌଦ୍ଧ ବ୍ଲକ ବାଉଁଶୁଣୀ ସେବା ସମବାୟ ସମିତିରେ ରବି ଧାନକିଣା ପାଇଁ ସୋମବାର ମଣ୍ଡି ଖୋଲିବାର ଥିଲା। ତେବେ ଫର୍ମ ଦାଖଲ ସତ୍ତ୍ୱେ ରବିଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ ହୋଇ ନ ଥିବାରୁ ଚାଷୀମାନେ ଆନ୍ଦୋଳନ କରି ବାଉଁଶୁଣୀ ମଣ୍ଡିକୁ ବନ୍ଦ କରି ଦେଇଥିବା ଜଣାପଡିଛି।

ସୂଚନା ଅନୁସାରେ, ଚଳିତ ବର୍ଷ ବାଉଁଶୁଣୀ ମୌଜାର କିଛି ଚାଷୀ ଡୁଙ୍ଗି ବନ୍ଧ ତଳେ ରବି ଧାନ ଚାଷ କରିଥିଲେ। ସେମାନଙ୍କ ମଧ୍ୟରୁ ମାତ୍ର ୬ଜଣ ଟୋକନ ପାଇଥିବା ବେଳେ ଏଯାଏ ୧୨ଜଣଙ୍କ ମୋବାଇଲକୁ ମ୍ୟାସେଜ ଆସିନାହିଁ। ସମିତିରେ ସମସ୍ତ କାଗଜପତ୍ର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦାଖଲ କରିଥିଲେ ମଧ୍ୟ ଉଦ୍ଦେଶ୍ୟମୂଳକ ଭାବେ ନାମ ପଞ୍ଜୀକରଣ କରାଯାଇ ନାହିଁ ବୋଲି ସେମାନେ ଗତ ୨୮ ତାରିଖରେ ବୌଦ୍ଧ ସମବାୟ ସମିତି ସମୂହ ସହକାରୀ ନିବନ୍ଧକଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଚାଷୀ ଗଣେଶ୍ୱର ତରିଆ, ପବିତ୍ର ସାହୁ, ରୋହି ସାହୁ, ନାରାୟଣ ପୁରୋହିତ, ଗୋପୀନାଥ ମେହେର, ରଘୁନାଥ ମେହେର, ମିନି ମହାକୁଡ, ଗୋପବନ୍ଧୁ ମିଶ୍ର, ବୀରମିତ୍ର ଦେହୁରୀ, ତରଣୀସେନ ପଣ୍ଡା, ସତ୍ୟ ନାରାୟଣ ସାହୁ ପ୍ରମୁଖ ସୋମବାର ବାଉଁଶୁଣୀ ମଣ୍ଡିକୁ ବନ୍ଦ କରି ଦେଇଛନ୍ତି।

# ସମାଜ ବିଜ୍ଞାନ ବିଭାଗର ଜାତୀୟ ଆଲୋଚନାଚକ୍ର

ଭବାନୀପାଟଣା, ୩୧।୫ (ଡି.ଏନ.ଏ.)

କଳାହାଣ୍ଡି ବିଶ୍ୱବିଦ୍ୟାଳୟର ସାମାଜିକ ବିଜ୍ଞାନ ବିଭାଗରେ ମହାମାରୀ ସମୟରେ ସାମାଜିକ ସୁରକ୍ଷା, କୌଶଳ ଓ ବାଧା ପ୍ରସଙ୍ଗରେ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିଲ୍ଲୀ ପୋଲିସ କମିଶନର ଡକ୍ଟର ଓମ ପ୍ରକାଶ ମିଶ୍ର, ଗଞ୍ଜାମ ଜିଲା ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର ଆଲୋଚକ ଭାବେ ଯୋଗଦେଇଥିଲେ। ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ହିମାଂଶୁ ଚରଣ ଷଡଙ୍ଗୀ ଆଲୋଚନାଚକ୍ରର ବିଷୟ ଓ ତାର ଉଦ୍ଦେଶ୍ୟ, ମହାମାରୀ ସମୟରେ ପୋଲିସ ଉପରେ ପ୍ରାକୃତିକ ବିପର୍ଯ୍ୟର ପ୍ରଭାବ ଏବଂ ପୋଲିସର ଭୂମିକା ସମ୍ପର୍କରେ ସମ୍ୟକ ଆଲୋକପାତ କରିଥିଲେ। କୁଳସଚିବ ପଦ୍ମଲୋଚନ ଭୋଇ ବିଷୟ ବସ୍ତୁର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନାଚକ୍ରରେ ମିଜୋରମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ରବୀନ୍ଦ୍ର କୁମାର ମହାନ୍ତି, ଗୁରୁପ୍ରସାଦ ଶିବ ଶଙ୍କର ନନ୍ଦ, ଇଂଲିଶ ବିଭାଗ ମୁଖ୍ୟ ଡକ୍ଟର ଜୟଦେବ ସାହୁ ଓ ଅଧାପକ ଆରିଫ ରାଜା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ହଳଧର ସାହୁ ପ୍ରଶ୍ନଉତ୍ତର କାର୍ଯକ୍ରମ ପରିଚାଳନା କରିଥିଲେ। ମାର୍ଶାଘାଇ ମହାବିଦ୍ୟାଳୟ ଅଧକ୍ଷ ତଥା ଓ ସାମାଜିକ ବିଜ୍ଞାନ ସମିତି ଅଧକ୍ଷ ଡକ୍ଟର ଅମିୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ରକୁ ସ୍ନାତକ ଓ ସ୍ନାତକୋତ୍ତର ପରିଷଦର ଅଧକ୍ଷ ତଥା ବିଭାଗୀୟ ମୁଖ୍ୟ ହିମାଂଶୁ ଚରଣ ଷଡଙ୍ଗୀ ପରିଚାଳନା କରିଥିଲେ। ଏଥିରେ ଭାରତ ବିଭିନ୍ନ ପ୍ରାନ୍ତରରୁ ପ୍ରାୟ ୨୪୦ ପୋଲିସ ଓ ଅଣପୋଲିସ ବ୍ୟକ୍ତି ଯୋଗଦାନ କରିଥିଲେ।

# ଭଙ୍ଗାଘରେ ବିତୁଛି ଦିନ

ଲାଠୋର, ୩୧।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ଅଧୀନ ପତ୍ରାପାଲି ଗ୍ରାମର ବିଧବା ମହିଳା ଯମୁନା ବାଗ(୩୮)। ଭଙ୍ଗାଦଦରା ଘରେ ପରିବାର ସହ ରହୁଛନ୍ତି। ରକ୍ତ ଶିକୁଲି ରୋଗରେ ଆକ୍ରାନ୍ତ ସ୍ୱାମୀ ଯୁଗେଶ୍ୱର ବାଗଙ୍କର ୨୦୨୦ ମସିହାରେ ମୃତ୍ୟୁ ହୋଇଯାଇଛି। ଜମିବାଡି କିଛିନାହିଁ। ଏଥିରେ ଭାଙ୍ଗି ନ ପଡି ପରଘରେ ମୂଲ ଲାଗି ଦୁଇଝିଅ ଦେବକୀ, ଦୁଲଣା ଏବଂ ପୁଅ ମନୋଜଙ୍କୁ ଦୁଃଖେକଷ୍ଟେ ଚଳାଉଛନ୍ତି। ପିଲାଙ୍କୁ ପାଠ ବି ପଢ଼ାଉଛନ୍ତି। ପଞ୍ଚାୟତ ତରଫରୁ ତାଙ୍କୁ ମାସିକ ମିଳୁଛି ୩୫ କିଲୋ ଚାଉଳ। ଆବାସ ଯୋଜନାରେ ପକ୍କାଘର ଏବଂ ବିଧବା ଭତ୍ତା ପାଇଁ ସେ ବିଭିନ୍ନ ସମୟରେ ପଞ୍ଚାୟତ ଅଫିସରେ କହି ଆସୁଥିଲେ ବି


ଭଙ୍ଗାଘର ପିଣ୍ଡାରେ ପିଲାଙ୍କ ସହ ଯମୁନା।

କର୍ଣ୍ଣପାତ କରାଯାଉ ନ ଥିବା ଯମୁନା ଅଭିଯୋଗ କରିଛନ୍ତି। ଏନେଇ ଟଙ୍କପାଣି ସରପଞ୍ଚ ଉତ୍ତର କୁମାର ଭୋଇଙ୍କୁ ପଚାରିବାରୁ ଆମେ ସମ୍ପୃକ୍ତ ମହିଳାଙ୍କୁ ବାସଗୃହ ଏବଂ ବିଧବା ଭତ୍ତା ଯୋଗାଇ ଦେବା ପାଇଁ ଅନ୍‌ଲାଇନ ଆବେଦନ କରିଛୁ। ସମୟ ଅନୁସାରେ ସେ ସମସ୍ତ ସୁବିଧା ପାଇବେ ବୋଲି କହିଛନ୍ତି।

# ପ୍ରେମ ପାଇଁ ବନ୍ଧୁଙ୍କୁ ହତ୍ୟା

**୩ ଅଭିଯୁକ୍ତ ଗିରଫ**

ରାୟଗଡ଼ା ଅଫିସ/ଟିଟିଲାଗଡ଼ (ଡି.ଏନ୍.ଏ.),୩୧।୫

ପ୍ରେମ ପାଇଁ ତୁଚ୍ଛ ହୋଇଗଲା ବନ୍ଧୁତ୍ୱ। ପ୍ରେମିକାଙ୍କୁ ପାଇବା ପାଇଁ ବନ୍ଧୁଙ୍କ ଜୀବନ ନେଇଗଲେ। ରାୟଗଡ଼ା ଜିଲା କଲ୍ୟାଣସିଂହପୁର ଥାନା ଅଞ୍ଚଳରେ ଘଟିଛି ଏଭଳି ଘଟଣା। ପୋଲିସ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରୁମାନ ବର୍ଗଡ଼ି, ପ୍ରଶାନ୍ତ ବର୍ଗଡ଼ି ଏବଂ ବିକାଶ ଭଚ୍ଚ।

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଦେବଲାପଡ଼ାର ଉମାକାନ୍ତ କାଣ୍ଡ ଏବଂ ଟିଟିଲାଗଡ଼ ଶିରିଭଟାପଡ଼ା ଗ୍ରାମର ବନ୍ଧୁ ରୁମାନ ବର୍ଗଡ଼ି ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲେ। ଉମାକାନ୍ତ ଉକ୍ତ ଯୁବତୀଙ୍କ ସହ କଥାବାର୍ତ୍ତା କରୁଥିବା ଦେଖି ରୁମାନ ସହିପାରି ନ ଥିଲେ। ସେ ପ୍ରତିଶୋଧ ପରାୟଣ ହୋଇ ଯୁବତୀଙ୍କୁ ମାରପିଟ କରିବା ସହ ଉମାକାନ୍ତଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। ମେ ୨ରେ ସେ ନିଜ ସମ୍ପର୍କୀୟଙ୍କ ଘର ରାୟଗଡ଼ାକୁ ଆସି ହତ୍ୟାର ସମସ୍ତ ଯୋଜନା କରିଥିଲେ। ରୁମାନ ସମ୍ପର୍କୀୟ ଭାଇ ପ୍ରଶାନ୍ତ ବର୍ଗଡ଼ି ଏବଂ ଅନ୍ୟ ଜଣେ ସାଙ୍ଗ ବିକାଶ ଭଚ୍ଚଙ୍କୁ ହତ୍ୟାରେ ସହଯୋଗ କରିବାକୁ କହିଥିଲେ। ଯୋଜନା ଅନୁଯାୟୀ ରୁମାନ ଉମାକାନ୍ତଙ୍କୁ ବୁଲାବୁଲି କରିବା ପାଇଁ ରାୟଗଡ଼ା ଡାକିଥିଲେ। ଉମାକାନ୍ତ ମେ ୪ରେ ରାୟଗଡ଼ାରେ ପହଞ୍ଚିଥିଲେ। ସେଠାରେ ଏକ ଭୋଜିର ଆୟୋଜନ କରାଯାଇଥିଲ। ଉମାକାନ୍ତଙ୍କୁ ମଦ ପିଆଇ ରୁମାନ ଏବଂ ତାଙ୍କ ସହଯୋଗୀମାନେ ମିଶି ତଣ୍ଟିଚିପି ହତ୍ୟା କରିଥିଲେ। ପରେ କଲ୍ୟାଣସିଂହପୁର ବ୍ଲକ୍ ମଙ୍ଗଳି ଗାଁ ନିକଟ ଘୋଡ଼ାନାଳରେ ପୋତିଦେଇଥିଲେ। ହତ୍ୟାକାଣ୍ଡ ପରେ ରୁମାନ ନିଜ ଗାଁକୁ ଚାଲିଯାଇଥିଲେ। ଉମାକାନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ୧୧ତାରିଖରେ ଟିଟିଲାଗଡ଼ ଥାନାରେ ଏତଲା ଦେଇଥିଲେ। ଉମାକାନ୍ତଙ୍କ ମୋବାଇଲ ନମ୍ବରକୁ ଟ୍ରାକ୍ କରି ହତ୍ୟାକାରୀଙ୍କୁ ଧରିଥିବା ରାୟଗଡ଼ା ଏସ୍‌ଡିପିଓ ଦେବଜ୍ୟୋତି ଦାଶ ସୂଚନା ଦେଇଛନ୍ତି।

# କରୋନା ସଚେତନତା କାର୍ଯ୍ୟକ୍ରମ

ଲୋଇସିଂହା,୩୧।୫(ଡି.ଏନ.ଏ.)

ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ବଲାଙ୍ଗୀର ରେଡକ୍ରସ ସୋସାଇଟି ତରଫରୁ ଗୋଷ୍ଠୀ ସହଭାଗୀତାରେ ଲୋଇସିଂହା ବ୍ଲକର ବିଭିନ୍ନ ଗ୍ରାମରେ କରୋନ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହା କୋର୍ଟ ପରିସରରୁ ସଚେତତା ଓ ମାସ୍କ ବଣ୍ଟନ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଲୋଇସିଂହା କୋର୍ଟର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମାନସ ରଞ୍ଜନ ପଧାନ ଶୁଭାରମ୍ଭ କରିଥିଲେ। ପୂର୍ବତନ ରାଜ୍ୟ ରେଡକ୍ରସ ଶାଖା ଅଫିସର ଧର୍ମସିଂ ମିଶ୍ର, ସମାଜିକ କର୍ମୀ ସୁଶାନ୍ତ ବାରିକ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। କରୋନା ମୁକାବିଲା ପାଇଁ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କୋଭିଡ ୧୯ ନିୟମକୁ ଜନସାଧାରଣର ସ୍ୱତଃପ୍ରବୃତ୍ତ ଭାବେ ପାଳନ କରିବାକୁ ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। କଠିନ ସମୟରେ ରେଡକ୍ରସ ସୋସାଇଟି କର୍ମକର୍ତ୍ତା ଜୀବନକୁ ବାଜି ଲଗାଇ ସେବା ଓ ସଚେତନ କରୁଥିବାରୁ ସାଧୁବାଦ ଦେଇଥିଲେ। ଏହାପରେ ରେଡକ୍ରସ ସ୍ୱେଚ୍ଛାସେବୀମାନେ ବ୍ଲକ ଛକ, ବସ୍‌ଷ୍ଟାଣ୍ଡ, ବୁର୍ଡାଛକ,ରୁଗୁଡିଖାଲ ଛକ ଓ ଗୁର୍ଜିଭଟା ଗ୍ରାମରେ ଗୋଷ୍ଠୀ ସହଭାଗୀତାରେ ଡାକବାଜି ଯନ୍ତ୍ର ଓ ଡ୍ରମ ବଜାଇ କରୋନା ସଚେତନତା ବାର୍ତ୍ତା ଗ୍ରାମବାସୀଙ୍କୁ ପ୍ରଦାନ କରିଥିଲେ। ଜିଲା ଜରୁରିକାଳୀନ ଅଧିକାରୀ ତଥା ରେଡକ୍ରସ ସମ୍ପାଦିକା ରୀନା ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାମନାରାୟଣ ଦାଶ, ରବିଚନ୍ଦ୍ର ପଶାୟତ, ଦୁର୍ଯ୍ୟୋଧନ ପଶାୟତ, ଚନ୍ଦ୍ର ଶେଖର ସେଠ, ମୀନକେତନ ଡାଙ୍ଗ, ଗୋପେଶ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ।



ଲୋଇସିଂହା କୋର୍ଟ ସମ୍ମୁଖରେ ମାଜିଷ୍ଟ୍ରେଟ ମାସ୍କ ବଣ୍ଟନ କରୁଛନ୍ତି।

# ବୃଦ୍ଧ ଦମ୍ପତିଙ୍କ ଉପରେ ୩ନାତୁଣୀଙ୍କ ବୋଝ

ନୂଆପଡ଼ା ଅଫିସ,୩୧।୫

- ଓଳିଏ ଖାଇଲେ ଓଳିଏ ଉପବାସ
- ବାପା ଯାଇଛନ୍ତି ଦାଦନ ଖଟିବାକୁ
- କାର୍ଡରେ ନାମ ନାହିଁ, ମିଳୁନି ରାଶନ ସାମଗ୍ରୀ

ନୂଆପଡା ଜିଲା ଖଡିଆଳ ବ୍ଲକ ରାଣୀମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କୋଟାମାଲ ଗାଁର ଅକିଲ ଶବର ଓ ତାଙ୍କ ସ୍ତ୍ରୀ ମୁଙ୍ଗେ ଶବର। ପରିଣତ ବୟସରେ ଏହି ବୃଦ୍ଧ ଦମ୍ପତିଙ୍କ ଉପରେ ପରିବାର ବୋଝ। ପରିବାର ପ୍ରତିପୋଷଣ ପାଇଁ ପୁଅ ଭଲ ଶବର ଆନ୍ଧ୍ରକୁ ଇଟା ଗଡିବାକୁ ଯାଇଥିବା ବେଳେ ୩ନାତୁଣୀ କବିତା (୧୦), ପ୍ରିୟଙ୍କା (୭) ଓ ବବିତା (୫)ଙ୍କ ବୋଝ ସେମାନଙ୍କ ଉପରେ ପଡିଛି। ଗତ ୩ବର୍ଷ ତଳେ ତାଙ୍କ ବୋହୂ କୁଆଡେ ଚାଲି ଯାଇଛନ୍ତି। ବର୍ତ୍ତମାନ ଅସହାୟ ବୃଦ୍ଧବୃଦ୍ଧା ଓ ୩ ନାତୁଣୀ ଓଳିଏ ଖାଇଲେ ଓଳିଏ ଉପବାସ ରହିବାକୁ ପଡୁଛି। ରାଶନ କାର୍ଡରେ ୩ ଭଉଣୀଙ୍କ ନାମ ନ ଥିବାରୁ ସାମଗ୍ରୀ ମିଳୁ ନ ଥିବା ମୁଙ୍ଗେ ଶବର ପ୍ରକାଶ କରିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟରେ ଆଧାର ଲିଙ୍କ କଲେ ଚାଉଳ ମିଳିବ ବୋଲି ପଞ୍ଚାୟତ ଅଧିକାରୀମାନେ କହୁଥିବା ବେଳେ ବୃଦ୍ଧାବୃଦ୍ଧଙ୍କ ଚାଲିବା ଶକ୍ତି ନାହିଁ। ଆଧାର ଲିଙ୍କ କରି ଯିବେ କେମିତି ବୋଲି ମୁଙ୍ଗେ


୩ ନାତୁଣୀଙ୍କ ସହ ବୃଦ୍ଧ ଦମ୍ପତି।

କହିଛନ୍ତି। ସବୁଠାରୁ ଦୁଃଖଦାୟକ ଘଟଣା ହେଉଛି ଭଙ୍ଗାଦଦରା ମାଟି ଘରେ ସମସ୍ତେ ରହୁନ୍ତି। ଆଗକୁ ବର୍ଷାଋତୁ ଆସୁଥିବା ବେଳେ ଏହି ଅସହାୟ ପରିବାର ପ୍ରତି ବିପଦ ରହିଛି। ୩ ନାତୁଣୀଙ୍କୁ ଅସହାୟ ବୃଦ୍ଧା ଦମ୍ପତି କୁଆଡେ ନେବେ ଚିନ୍ତାରେ ପଡ଼ିଛନ୍ତି। ଆବାସ ଯୋଜନାରେ ଘର ମିଳିଥିବା ବେଳେ ନିଜ ମାଟି ଘରକୁ ଭାଙ୍ଗି ପକ୍କା ଘର ତିଆରି କରିବା ସ୍ୱପ୍ନ ରହିଥିଲା। ତାଙ୍କର ପ୍ରଥମ କିସ୍ତି ଅନ୍ୟ ଜଣଙ୍କ ବ୍ୟାଙ୍କ ଖାତାରେ ଟଙ୍କା ପଡିବା ପରେ ସେହି ବ୍ୟକ୍ତି ଟଙ୍କା ଉଠାଇ ଖର୍ଚ୍ଚ କରିଛନ୍ତି। ୨୦୧୭ ଠାରୁ ଏହି ଟଙ୍କା ଦେବ କହି ଆଜି ପର୍ଯ୍ୟନ୍ତ ଦେଇନାହାନ୍ତି। ଫଳରେ ହିତାଧିକାରୀଙ୍କ ଗୃହ କାର୍ଯ୍ୟ ଆରମ୍ଭ ହୋଇ ପାରୁନାହିଁ। ଏ ସଂକ୍ରାନ୍ତରେ ଖଡିଆଳ ବିଡିଓ ନାରାୟଣ ସାହୁଙ୍କୁ ପଚାରିବାରୁ ଏହା ଉପରେ ମୁଁ ତଦନ୍ତ କରୁଛି। ପ୍ରକୃତ ଘଟଣା କ'ଣ ଜାଣିବା ପରେ ପଦକ୍ଷେପ ନେବି ବୋଲି କହିଥିଲେ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଅସହାୟ ଗରିବ ପରିବାର ପ୍ରତି ସହାୟତ ପାଇଁ ସାଧାରଣରେ ଦାବି ହେଉଛି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧ ଜୁନ୍, ୨୦୨୧

## ମହିଚଲାରେ ନୂତନ କୋଭିଡ୍ ଟିକାକରଣ କେନ୍ଦ୍ର

**ଜୁନାଗଡ଼, (ଡି.ଏନ.ଏ.):** ଜୁନାଗଡ଼ ବ୍ଲକ ମହିଚଲା ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ସୋମବାର ନୂତନ କୋଭିଡ୍ ଟିକାକରଣ କେନ୍ଦ୍ର ଶୁଭାରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ଅଞ୍ଚଳର ୪୫ରୁ ଉର୍ଦ୍ଧ୍ୱ ୨୨ଜଣ ଟିକା ନେଇଥିଲେ। ସରପଞ୍ଚ ଅଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଟିକାକରଣ କେନ୍ଦ୍ର ଶୁଭାରମ୍ଭରେ ଅତିଥି ଭାବେ ଜୁନାଗଡ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା, ଡବ୍ଲିଏଚଓ ଡାକ୍ତର ବାରିକ, ଡାକ୍ତର ଇଲିଜା ପ୍ରିୟଦର୍ଶିନୀ ବେହେରା, ବିପିଏମ ସୁମେଶ୍ୱର ନାଏକ, ସୁପରଭାଇଜର ସାଧୁରାମ କୈବର୍ତ୍ତ, ସ୍ୱାସ୍ଥ୍ୟକର୍ମୀ ସୁଜାତା ନନ୍ଦ, ଦେବାଶିଷ ବାରିକ ପ୍ରମୁଖଙ୍କ ସହ ଆଶାକର୍ମୀମାନେ ଉପସ୍ଥିତ ଥିଲେ।



### ସଂକ୍ଷେପରେ

## ଟିକାକରଣ ସହାୟତା କେନ୍ଦ୍ର ଆରମ୍ଭ

**ଭବାନୀପାଟଣା, ୩୧।୫ (ଡି.ଏନ.ଏ.):** ଭବାନୀପାଟଣା ପ୍ରଗତି କଲେଜରେ ଥିବା ୩ଟି ଟିକାକରଣ କେନ୍ଦ୍ରରେ ଓଡିଶା-ମୋ ପରିବାର ଓ କଳାହାଣ୍ଡି ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସହାୟତା କେନ୍ଦ୍ର ଖୋଲାଯାଇଛି। କରୋନା ଟିକା ନେବା ପାଇଁ ଆସୁଥିବା ୧୮ରୁ ୪୪ ବର୍ଷ ବୟସ ପୁରୁଷ ଓ ମହିଳାଙ୍କୁ ସହଯୋଗ କରିବା ସହ ସେମାନଙ୍କୁ ମାଗଣାରେ ମାସ୍କ, ଗ୍ଲୋଭ୍ସ, ସାନିଟାଇଜର ଓ ପାଣି ବୋତଲ ବଣ୍ଟନ କରାଯାଇଥିଲା। ବିଜୁ ଛାତ୍ର ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁରଙ୍କ ନେତୃତ୍ୱରେ ଉପସଭାପତି ମଣ୍ଟୁ ନାଏକ, ଓଡିଶା ମୋ ପରିବାର ଜିଲା ସଂଯୋଜକ ପ୍ରଦୀପ ଦାସ, ଜିଲା ଛାତ୍ର ବିଜେଡି ସାଧାରଣ ସମ୍ପାଦକ ରୋମାଞ୍ଚଳ ମେହେର, ସଞ୍ଜୟ ଶୁକ୍ଲା, ସୀତାରାମ ନାୟକ ପ୍ରମୁଖ ଯୋଗଦେଇଥିଲେ।

## କୋଭିଡ୍ ସୁସ୍ଥଙ୍କୁ ଘରେ ପହଞ୍ଚାଇଲେ ସ୍ୱେଚ୍ଛାସେବୀ

**ବରଗଡ଼ ଅଫିସ୍,୩୧।୫:** କରୋନା ପାଇଁ ଲକ୍‌ଡାଉନ କଟକଣା ଲାଗୁ ହୋଇଥିବାରୁ ବସ୍ ଚଳାଚଳ ବନ୍ଦ ରହିଛି। ଫଳରେ କୋଭିଡ୍ ଆକ୍ରାନ୍ତମାନେ ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ଡାକ୍ତରଖାନାରୁ ଘରକୁ ଫେରିବା ବେଳେ ଅସୁବିଧା ଭୋଗୁଛନ୍ତି। ଏଭଳି ଭାବେ କୋଭିଡ୍‌ରେ ଆକ୍ରାନ୍ତ ହୋଇ ଭୀମସାର୍, ବୁର୍ଲାରେ ଚିକିତ୍ସା ପରେ ଆରୋଗ୍ୟ ଲାଭ କରିଥିବା ବରଗଡ଼ ଜିଲା ସରଲା ଗ୍ରାମର ପୁରନ୍ଦର ବାଗ(୪୨)ଙ୍କ କ୍ଷେତ୍ରରେ ସମସ୍ୟା ଉପୁଜିଥିଲା । ସେ ସୁସ୍ଥ ହେବା ସତ୍ତ୍ୱେ ବସ୍ ଚଳାଚଳ ବନ୍ଦ ରହିଥିବା ଯୋଗୁ ଘରକୁ କିଭଳି ଫେରିବେ, ସେ ନେଇ ଚିନ୍ତିତ ହୋଇ ପଡ଼ିଥିଲେ। ଏହା ଜାଣିବା ପରେ ସ୍ୱେଚ୍ଛାସେବୀ ନିହାଲ ସିଂ ନିଜ ଗାଡ଼ିରେ ତାଙ୍କୁ ବୁର୍ଲାରୁ ପ୍ରାୟ ୬୦କି.ମି ଦୂର ସରଲା ଗ୍ରାମରେ ପହଞ୍ଚାଇଥିଲେ ।

## କୁଡ଼ିଆଘରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**ଗୋଲାମୁଣ୍ଡା, ୩୧।୫ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଚପ୍ରିଆ ଗ୍ରାମର ଗଙ୍ଗା ରଣାଙ୍କ ଚାଳ କୁଡ଼ିଆ ଘରକୁ ରବିବାର ରାତିରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଗଙ୍ଗା କୁମ୍ଭାର କାମ କରି ନିଜ ପରିବାର ଚଳାଇଥାନ୍ତି। ଗରିବ ଶ୍ରେଣୀ ହୋଇଥିବାରୁ ପକ୍କା ଘର କରି ନ ପାରି ଏକ ଚାଳ କୁଡିଆରେ ବସବାସ କରୁଥିଲେ। ରବିବାର ରାତିରେ ଶୋଇଥିବା ବେଳେ ଦୁର୍ବୃତ୍ତ କୁଡିଆ ଘରେ ନିଆଁ ଲଗାଇ ଦେଇଥିବା ପ୍ରକାଶ କରିଛନ୍ତି। କୁଡିଆରେ ଥିବା ଚାଉଳ, ଟଙ୍କା ଓ ଦୈନନ୍ଦିନ ବ୍ୟବହାର ଜିନିଷ ନିଆଁରେ ପୋଡି ନଷ୍ଟ ହୋଇଯାଇଛି। ଅଞ୍ଚଳର ସାମାଜିକ କର୍ମୀ ଶ୍ୟାମସୁନ୍ଦର ଅଗ୍ରୱାଲ ଘଟଣାସ୍ଥଳରେ ପହଞ୍ଚି କେଗାଁ ରାଜସ୍ୱ ନିରୀକ୍ଷକ ଓ ଥାନାକୁ ଜଣାଇ ବୃଦ୍ଧ ଗଙ୍ଗା ଓ ତାଙ୍କ ସ୍ତ୍ରୀଙ୍କୁ ଚପଲ, କପଡା ଓ ଅନ୍ୟାନ୍ୟ ସାମଗ୍ରୀ ଦେଇ ସହଯୋଗ କରିଥିଲେ। ଏ ନେଇ କେଗାଁ ପୋଲିସ ତଦନ୍ତ ଜାରି ରଖିଛି । ଗଙ୍ଗା ରଣାଙ୍କୁ ରେଡକ୍ରସ ପାଣ୍ଠିରୁ କିଛି ଆର୍ଥିକ ସହାୟତା ଓ ଏକ ବିଜୁ ପକ୍କାଘର ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି।

## କୋଭିଡ୍ ନେଲା ଦୁଇ ଜୀବନ

**ବାଉଁଶୁଣୀ/ବୌଦ୍ଧ, ୩୧।୫: (ଡି.ଏନ.ଏ./ସ୍ୱ.ପ୍ର):** ବୌଦ୍ଧ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଅପରାହ୍ନ ପ୍ରାୟ ୧ଟା ସମୟରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୌଦ୍ଧ ବ୍ଲକ ରକ୍ସା ଗ୍ରାମପଞ୍ଚାୟତ ଅଧୀନ ମହେଶ୍ୱର ପିଣ୍ଡା ଗ୍ରାମର ଅଶେଷ ରଞ୍ଜନ ନାଏକ (୩୫)। ପ୍ରାୟ ଏକ ସପ୍ତାହ ହେଲା ଅଶେଷ ରଞ୍ଜନ କୋଭିଡ ପଜିଟିଭ ଚିହ୍ନଟ ହୋଇ ହୋମ୍ ଆଇସୋଲେଶନରେ ଥିଲେ। ରବିବାର ରାତିରେ ସେ ଅସୁସ୍ଥ ଅନୁଭବ କରିବାରୁ ସୋମବାର ସକାଳେ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ହରଭଙ୍ଗା ବ୍ଲକ କରଞ୍ଜକଟା ଗ୍ରାମର ଯଶୋଦା ଦେହୁରୀଙ୍କ ସୋମବାର ମୃତ୍ୟୁ ଘଟିଛି। ଯଶୋଦା ଓ ତାଙ୍କ ଭଉଣୀ ପ୍ରାଣେଶ୍ୱରୀ କରୋନା ସଂକ୍ରମିତ ହୋଇ ବୌଦ୍ଧ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଦୁଇଦିନ ତଳେ ପ୍ରାଣେଶ୍ୱରୀ ଭଲ ହୋଇ ଘରକୁ ଫେରିଥିଲେ। ଯଶୋଦା ସେଠାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଛି।

## ଭାଜପାର ଜନସେବା କାର୍ଯ୍ୟକ୍ରମ

**ବୌଦ୍ଧ,୩୧।୫(ସ୍ୱ.ପ୍ର):** କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ଶାସନକୁ ୭ବର୍ଷ ପୂରଣ ହୋଇଛି। ଏହି ଅବସରରେ ବୌଦ୍ଧ ଭାଜପା ପକ୍ଷରୁ ୭୭ଟି ଗ୍ରାମରେ ଜନସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲା ସଭାପତି ବିପ୍ରଚରଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ନେତା କହ୍ନେଇ ଚରଣ ଡାଙ୍ଗ, ମନୋରଞ୍ଜନ ଦାସ, ପ୍ରେମାନନ୍ଦ ମିଶ୍ର, ସତ୍ୟାନନ୍ଦ ପାଣ୍ଡେ, ମାଗୁଣୀ ଗାଇଗୌରିଆ, ସୁଶାନ୍ତ ବାଘ, ରାକଶେ ତ୍ରିପାଠୀଙ୍କ ସମେତ ବହୁ ନେତା ଓ କର୍ମକର୍ତ୍ତା ସାମିଲ ହୋଇଥିଲେ ।

# ମାତାପିତାଙ୍କ ମୃତ୍ୟୁ ପ୍ରମାଣପତ୍ର ମିଳୁନାହିଁ

- କୋଭିଡ୍ ମହାମାରୀ ସମୟରେ ୧୭ ଶିଶୁ ହୋଇଛନ୍ତି ଅନାଥ
- ୧୨ ଅନାଥ ଶିଶୁ ସରକାରୀ ସୁବିଧାରୁ ବଞ୍ଚିତ ହେବା ଆଶଙ୍କା
- ଜିଲାପାଳ କହିଲେ ଉପଯୁକ୍ତ ତଦାରଖ କରି ପଦକ୍ଷେପ ନିଆଯିବ

**ବଲାଙ୍ଗୀର ଅଫିସ, ୩୧।୫**

କୋଭିଡ ମହାମାରୀରେ ମା'ବାପାଙ୍କୁ ହରାଇ ଅନାଥ ହୋଇଥିବା ଶିଶୁମାନଙ୍କୁ ସରକାରୀ ସହାୟତା ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ଏଭଳି ଘୋଷଣା ପରେ କୋଭିଡରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଅନାଥ ଶିଶୁମାନେ ସରକାରୀ ସହାୟତା ପାଇବେ ବୋଲି ଆଶା ସଞ୍ଚାର ହୋଇଛି। କରୋନା ମହାମାରୀ ସମୟରେ ବଲାଙ୍ଗୀର ଜିଲାରେ ମଧ୍ୟ କେତେକ ଶିଶୁ ତାଙ୍କ ମାତାପିତାଙ୍କୁ ହରାଇଛନ୍ତି। ଜିଲା ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି) ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କୋଭିଡ ଦ୍ୱିତୀୟ ଲହର ସମୟରେ ମଧ୍ୟରେ ଏଯାବତ୍ ବଲାଙ୍ଗୀର ଜିଲାର ୧୭ଜଣ ଶିଶୁଙ୍କୁ ଚାଇଲ୍ଡ ଲାଇନ୍ ପକ୍ଷରୁ ସିଡବ୍ଲ୍ୟୁସିରେ ପ୍ରତ୍ୟୁସ କରାଯାଇଛି ଯେଉଁମାନଙ୍କ ମାତା କିମ୍ବା ପିତା ବା ଉଭୟ ମାତାପିତା ମୃତ୍ୟୁବରଣ କରିଛନ୍ତି। ଉକ୍ତ ୧୭ ଜଣ ଶିଶୁଙ୍କ ମଧ୍ୟରୁ ୫ଜଣଙ୍କ ମାତାପିତା ଯକ୍ଷ୍ମାରେ ମୃତ୍ୟୁବରଣ କରିଥିବା ଉଲ୍ଲେଖ ରହିଥିଲେ ମଧ୍ୟ ଅନ୍ୟ ୧୨ଜଣଙ୍କ ମୃତ୍ୟୁର କାରଣ ସମ୍ପର୍କରେ କୌଣସି ତଥ୍ୟ ଦିଆଯାଇନାହିଁ। ତେବେ ମୃତ୍ୟୁବରଣ କରିଥିବା ମାତାପିତାଙ୍କ ମଧ୍ୟରୁ ୪ ଜଣ କୋଭିଡ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଚିକିତ୍ସିତ ହୋଇଥିବା ଜଣାପଡିଛି। କୋଭିଡ ଆକ୍ରାନ୍ତ ପରେ ଚିକିତ୍ସିତ ହୋଇ ମୃତ୍ୟୁବରଣ କରିଥିଲେ ମଧ୍ୟ ସେମାନଙ୍କ ମୃତ୍ୟୁକୁ କୋଭିଡଜନିତ ମୃତ୍ୟୁ ଦର୍ଶାଯାଇ ନ ଥିବା ଜଣାପଡିଛି। ସେମାନଙ୍କ ମୃତ୍ୟୁର କାରଣ ସମ୍ପର୍କରେ କୌଣସି ତଥ୍ୟ ଦିଆଯାଇ ନ ଥିବାରୁ ଏନେଇ ଦ୍ୱନ୍ଦ୍ୱ ଦେଖାଯାଇଛି। ଏଭଳି କ୍ଷେତ୍ରରେ ଅନାଥ ହୋଇଥିବା ଶିଶୁମାନେ ସରକାରଙ୍କ ଘୋଷିତ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ହେବା ଆଶଙ୍କା ସୃଷ୍ଟି ହୋଇଛି।

ଜିଲାରେ କୋଭିଡ ମୃତ୍ୟୁଜନିତ ସଂଖ୍ୟା ଲୁଚାଯାଉଥିବା ମଧ୍ୟ ଅଭିଯୋଗ ହୋଇଆସୁଛି। ଏଭଳି କ୍ଷେତ୍ରରେ ଏବେ ଛୋଟ ଶିଶୁମାନେ ସରକାରୀ ସୁବିଧାରୁ ବଞ୍ଚିତ ହେବାଭଳି ସ୍ଥିତି ଉପୁଜିଥିବା ଆଲୋଚନାର ବିଷୟ ହୋଇଛି। ସିଡବ୍ଲ୍ୟୁସି ପକ୍ଷରୁ ଏସଂକ୍ରାନ୍ତରେ କୁହାଯାଇଛି ଯେ, ଜିଲାରେ କୌଣସି ଜଣେ ବି ଅନାଥଙ୍କ ମାତାପିତାଙ୍କ କୋଭିଡଜନିତ ମୃତ୍ୟୁ ସମ୍ପର୍କରେ ପ୍ରମାଣପତ୍ର ନଥିବାରୁ ସରକାରୀ ସହାୟତା ପାଇବା ପାଇଁ ସୁପାରିଶ କରିବା ସମ୍ଭବ ହେଉନାହିଁ। ଏସଂକ୍ରାନ୍ତରେ ଜିଲାପାଳ ଚଞ୍ଚଳ ରାଣାଙ୍କୁ ପଚରାଯିବାରୁ ଜିଲାରେ କୋଭିଡ ମୃତ୍ୟୁକୁ ନେଇ ଅଡିଟ୍ କରାଯାଉଛି। ଯଦି କୋଭିଡ କାରଣରୁ କେହିବି ମୃତ୍ୟୁବରଣ କରିଥିବେ ଏବଂ ତାଙ୍କ ଛୁଆ ଅନାଥ ହୋଇଥିବେ ତାହେଲେ ଜିଲା ପ୍ରଶାସନ ତରଫରୁ ସେଭଳି ବ୍ୟକ୍ତିଙ୍କ ମୃତ୍ୟୁ ପ୍ରମାଣପତ୍ର ଦିଆଯାଇ ତାଙ୍କ ଅନାଥ ଶିଶୁଙ୍କ ମାଗଣା ଶିକ୍ଷା ଓ ଅନ୍ୟାନ୍ୟ ସୁବିଧା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ପ୍ରତି ୭ ଦିନରେ ଶିଶୁ ସୁରକ୍ଷା ୟୁନିଟ୍‌ର ସମୀକ୍ଷା କରାଯାଉଛି ବୋଲି ସେ କହିଛନ୍ତି।

## ଦିବ୍ୟାଙ୍ଗଙ୍କୁ ସହାୟତା ଦେଲେ ଡାକ୍ତର ଦମ୍ପତି

**ବରଗଡ଼ ଅଫିସ୍,୩୧।୫**


ବୃଦ୍ଧ ଦମ୍ପତିଙ୍କୁ ସହଯୋଗ କରିଥିବା ଡାକ୍ତର ଦମ୍ପତି।

ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ କୁମ୍ଭାରୀ ଗ୍ରାମରେ ବୃଦ୍ଧ ଦମ୍ପତି ଅମ୍ବିକା ସାହୁ ଓ ଗୌରିଚରଣ ସାହୁଙ୍କ ଦୁଇ ଝିଅପୁଅ ଲଳିତା(୨୩), ମାନସ(୨୧) ଅଜଣା ରୋଗରେ ପୀଡ଼ିତ ହୋଇ ଦିବ୍ୟାଙ୍ଗ ପାଲଟି ଯାଇଛନ୍ତି। ସେମାନଙ୍କ ଚିକିତ୍ସା ପାଇଁ ଏହି ବୃଦ୍ଧ ଦମ୍ପତି ନିଜ ଜମିବାଡ଼ି, ସୁନା, ରୂପା ଗହଣା, ବାସନକୁସନ ବିକି ନିଃସ୍ୱ ହୋଇ ପଡ଼ିଛନ୍ତି। କିନ୍ତୁ ଦିବ୍ୟାଙ୍ଗ ଝିଅପୁଅଙ୍କ ସ୍ୱାସ୍ଥ୍ୟାବସ୍ଥାରେ କିଛି ଉନ୍ନତି ପରିଲକ୍ଷିତ ହୋଇନାହିଁ। ଏ ନେଇ ରବିବାର ଧରିତ୍ରୀରେ 'ପରିଣତ ବୟସରେ ଦିବ୍ୟାଙ୍ଗ ଝିଅପୁଅଙ୍କ ବୋଝ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ବରଗଡ଼ର ଡାକ୍ତର ଦମ୍ପତି ଡା. ସୁସ୍ମିତା ସାହୁ ଓ ଡା. ରାଜେଶ ତ୍ରିପାଠୀ ଉକ୍ତ ଅସହାୟ ପରିବାରକୁ ସହଯୋଗ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏହ ପରିବାରଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର ସଂଗ୍ରହ କରିଥିଲେ ଏବଂ ସୋମବାର ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୦ହଜାର ଟଙ୍କା ସହାୟତା ରାଶି ପଠାଇଛନ୍ତି। ଡାକ୍ତର ଦମ୍ପତିଙ୍କ ଏଭଳି ବଦାନ୍ୟତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ପାନୀୟ ଜଳ ସମସ୍ୟା, ଜିଲାପାଳଙ୍କୁ ଫେରାଦ


ନନ୍ଦନୀନଗରବାସୀ ଜିଲାପାଳ ଅଫିସ ସମ୍ମୁଖକୁ ଆସି ଦାବି ଜଣାଉଛନ୍ତି।

**ବଲାଙ୍ଗୀର ଅଫିସ, ୩୧।୫**

ବଲାଙ୍ଗୀର ମ୍ୟୁନିସିପାଲିଟି ୧୭ ନମ୍ବର ୱାର୍ଡ ଅନ୍ତର୍ଗତ ନନ୍ଦନୀ ନଗରଠାରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ସୋମବାର ପଡାର ବହୁ ମହିଳା ଓ ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ପାନୀୟ ଜଳ ସମସ୍ୟାର ସମାଧାନ କରିବା ପାଇଁ ଲେଖି ଜଣାଇଛନ୍ତି। ପଡାରେ ୮୦ ପରିବାରର ଜନସଂଖ୍ୟା ୪ ଶହ ଜଣ ହେବ। ଏଠାରେ ଥିବା ନଳକୂପ କାମକୁ ଆସୁନାହିଁ। ପଡାରେ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ପଡାବାସୀ ମ୍ୟୁନିସିପାଲିଟି ଅଧିକାରୀଙ୍କୁ ଜଣାଇଥିଲେ। ଏଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ କିଛି କରାଗଲା ନାହିଁ। ଏବେ ଖରାଦିନ ଓ କୋଭିଡ ମହାମାରୀ ସମୟରେ ପଡାବାସୀ ପାଣି ନପାଇ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରାରେ ରେଳ ଲାଇନ୍ କଡରେ ପ୍ରାୟ ୧ କିମି ଦୂର ଚାଲିକରି ଗଲାପରେ ପାଣି ଆଣୁଛନ୍ତି। ପଡାରେ ୩ଟି ବଡ ସିନ୍‌ଟେକ୍ସ ଦେବା ପରିବର୍ତ୍ତେ ଗୋଟିଏ ମାତ୍ର ଛୋଟ ସିନ୍‌ଟେକ୍ସ ଦିଆଯାଇଛି। ସେହି ସିନ୍‌ଟେକ୍ସକୁ ସବୁଦିନ ପାଣି ଦିଆଯାଉନାହିଁ। ପାଣି ଦିଆଗଲେ ତାହା ସବୁ ପରିବାରର ଚାହିଦା ମେଣ୍ଟାଉ ନାହିଁ। ପଡାକୁ ପିଏଚ୍‌ଡି ପାଣି ବ୍ୟବସ୍ଥା ହୋଇଥିଲେ ମଧ୍ୟ ଏଥିରେ ଅଳ୍ପ ମାତ୍ରାରେ ପାଣି ଆସୁଛି। ଅଧିକାଂଶ ଦିନ ପାଣି ଆସୁନାହିଁ। ଏଣୁ ଯଥାଶୀଘ୍ର ପଡାରେ ୨ଟି ନଳକୂପ ଓ ୩ଟି ସିନ୍‌ଟେକ୍ସ ବ୍ୟବସ୍ଥା କରାଯାଇ ପ୍ରତିଦିନ ପାଣି ଯୋଗାଣ ବ୍ୟବସ୍ଥା କରିବାକୁ ପଡାବାସୀ ଲିଖିତ ଜଣାଇଛନ୍ତି।

## ଧାନବିକ୍ରି ସମସ୍ୟାର ସମାଧାନ ଦାବି

**ବରଗଡ଼ ଅଫିସ୍,୩୧।୫**

ବରଗଡ଼ ଜିଲାରେ ଆଉ ୪ଦିନ ପରେ ରବି ଧାନ ସଂଗ୍ରହକୁ ମାସେ ପୂରିବ। କିନ୍ତୁ ଜିଲାର ଚାଷୀମାନେ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇଛନ୍ତି। ଟୋକନ କଟକଣା ଯୋଗୁ ସେମାନେ ମଣ୍ଡିକୁ ଧାନ ଆଣି ପାରୁ ନ ଥିବାବେଳେ ଟ୍ୟାଗ୍ ଆସୁ ନ ଥିବା ଆଳ କରି ଧାନ ଉଠାଯାଉନାହିଁ। ଅନ୍ୟପଟେ କାଳବୈଶାଖୀ ଯୋଗୁ ଚାଷୀଙ୍କ ଅମଳ ଧାନ ପ୍ରଭାବିତ ହେଉଛି ଏବଂ ଏଥିପାଇଁ ସେମାନଙ୍କୁ ବହୁ କ୍ଷତି ସହିବାକୁ ପଡୁଛି। ଏଭଳି ଚାଷୀ ସମସ୍ୟାର ତୁରନ୍ତ ସମାଧାନ ଦାବିରେ ବରଗଡ଼ ଭାଜପାର ଏକ ପ୍ରତିନିଧି ଦଳ ସୋମବାର ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କୁ ଫେରାଦ ହୋଇଥିଲେ। ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ଭେଟି ଧାନ କିଣାବିକାରେ ଦେଖାଯାଇଥିବା ବିଭିନ୍ନ ସମସ୍ୟା ଉପସ୍ଥାପନ କରି ତାର ତୁରନ୍ତ ସମାଧାନ କରିବାକୁ ସେମାନେ ଦାବି କରିଥିଲେ। ଏମ୍‌ପି ପ୍ରତିନିଧି ଲିପ୍‌ସିତ ମିଶ୍ର, ଅତାବିରାର ସୁନନ୍ଦା ମେହେର, ଭେଡ଼େନର ବିପିନ ଭୋସାଗର, ଭାଜପା ଜିଲା ସମ୍ପାଦିକା କ୍ଷୀରେଶ୍ୱରୀ ସ୍ୱାଇଁ, ସୁକାନ୍ତ ଦାଶ, ଚାଷୀନେତା ଏକାଦଶିଆ ସାହୁ ପ୍ରମୁଖ ଏହି ପ୍ରତିନିଧି ଦଳରେ ଥିଲେ।

## କଫ ସିରପ୍ ଜବତ, ୩ ଗିରଫ


ଗିରଫ ୩ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

**ଅତାବିରା/ସରଣ୍ଡା,୩୧।୫(ଡି.ଏନ.ଏ)** ବରଗଡ଼ ଜିଲା ଅତାବିରା ଥାନା ପୋଲିସ ସୋମବାର କଫ ସିରପ୍ କାରବାର ଅଭିଯୋଗରେ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପାହାଡ଼ଶ୍ରୀଗିଡ଼ା ଗ୍ରାମର ମାନସ ପଣ୍ଡା, ନିକୁଞ୍ଜ ସେଠ ଏବଂ ବଇକୁ ପାଣ୍ଡେ। ସେମାନଙ୍କ ପାଖରୁ ସିଲ୍‌ଡ ହୋଇଥିବା ୩୫ ବୋତଲ, ଖୋଲା ଥିବା ୬ବୋତଲ ଏବଂ ୧ଷ୍ଟ୍ରିପ୍ ଆଲପ୍ରାକ୍ସ ନିଶା ବଟିକା ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି ଏବଂ ସେମାନଙ୍କ ବିରୋଧରେ ଏକ ମାମଲା (ନଂ.୧୩୬/୨୦) ରୁଜୁ ହୋଇଥିବା ଅତାବିରା ଥାନାଧିକାରୀ ଦିଲୀପ କୁମାର ବେହେରା ସୂଚନା ଦେଇଛନ୍ତି । ସେହିପରି ବାଟିମୁଣ୍ଡା ଗ୍ରାମର ବିରଞ୍ଚି ଓରଫ ବୀର ବାଗଙ୍କଠାରୁ ମଧ୍ୟ ୫୦ ଲିଟର ଦେଶୀମଦ ଜବତ ହୋଇଥିବା ଥାନାଧିକାରୀ ବେହେରା କହିଛନ୍ତି ।

## ଚାପମୁକ୍ତ, ସୁସ୍ଥ ସ୍ୱାସ୍ଥ୍ୟଯୁକ୍ତ କର୍ମଶାଳା

**ଭବାନୀପାଟଣା, ୩୧।୫ (ଡି.ଏନ.ଏ.)** ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପକ୍ଷରୁ ଭାର୍ଚୁଆଲରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଏଡିପିଏଚଓ ନିହାର ରଞ୍ଜନ ପଣ୍ଡା ମୁଖ୍ୟବକ୍ତା ରୂପେ ଯୋଗଦେଇଥିବା ବେଳେ ଭୁବନେଶ୍ୱର କିମ୍ସର ସୌମ୍ୟ ରଞ୍ଜନ ମହାପାତ୍ର, ଶିକ୍ଷକ ପଦାରବିନ୍ଦ ବେହେରା, ବରଗଡର ଶିକ୍ଷାବିତ ଡ଼ା. ବିରେନ୍ଦ୍ର କୁମାର ଯାଦବ, ଦେବେନ୍ଦ୍ର ବିଶି, ଶିକ୍ଷାବିତ ଜାହାଙ୍ଗିର ଖାଁ, ଶିକ୍ଷାବିତ ସୁଜାତା ମୁଣ୍ଡ, ସାମାଜିକ କର୍ମୀ ସଚିଦାନନ୍ଦ ମହାକୁଡ଼, ବ୍ୟଙ୍ଗକାର ସୁଶାନ୍ତ କୁମାର ମିଶ୍ର, ଶିକ୍ଷାବିତ ପ୍ରଦୀପ ସାହୁ ସମୂହ ଅଂଶ ଗ୍ରହଣ କରିଥିଲେ। କୋଭିଡ୍-୧୯ ସମୟରେ କିପରି ସମସ୍ତେ ଚାପମୁକ୍ତ ଓ ସୁସ୍ଥ ସ୍ୱାସ୍ଥ୍ୟଯୁକ୍ତ ହୋଇପାରିବା ଏବଂ ନିଜ ପରିବାର ତଥା ସମାଜକୁ ମହାମାରୀରୁ କିପରି ଦୂରେଇ ରଖିବା ଏବଂ ଏକ ସୁସ୍ଥ ସମାଜ ପରିକଳ୍ପନା ପାଇଁ ସମସ୍ତେ ବକ୍ତବ୍ୟରେ କହିଥିଲେ। କବି ବିରଞ୍ଚି ନାରାୟଣ ମୁଣ୍ଡ ସଂଯୋଜନା କରିଥିଲେ ଓ ଯୁବ କବି ଆଶୁତୋଷ ପୁରୋହିତ ସହଯୋଗ କରିଥିଲେ। ସ୍କୁଲ ଅଧକ୍ଷ ତଥା ପ୍ରତିଷ୍ଠାତା ଶିବରାମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନୋଡାଲ ଉଚ୍ଚ ବିଦ୍ୟାଳୟର ଭୂମିପୂଜନ

**ବାଉଁଶୁଣୀ, ୩୧।୫(ଡି.ଏନ.ଏ.):** ବୌଦ୍ଧ ବ୍ଲକ ବାଉଁଶୁଣୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ସୋମବାର ୫-ଟି ରୂପାନ୍ତରଣ କାର୍ଯ୍ୟର ଶୁଭାରମ୍ଭ ଓ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟଅତିଥି ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉପଜିଲାପାଳ ଅଶ୍ୱିନୀ ମେହେର, ବୌଦ୍ଧ ପିଡି ବବିତାରାଣୀ ଦଳବେହେରା, ବିଡ଼ିଓ ଦେବୀ ପ୍ରସାଦ ଦାଶ, ଆର୍କିଟେକ ଇଞ୍ଜିନିୟର ସୁମନ ଷଡ଼ଙ୍ଗୀ, ପ୍ରଧାନ ଶିକ୍ଷକ ପଞ୍ଚାନନ ମିଶ୍ର, ମୋ ସ୍କୁଲ ଅଭିଯାନ ସଭାପତି ଘମୁଡୁ ଦନ୍ତା, ବିଜ୍ଞାନ ନିରୀକ୍ଷକ ଦେବେନ୍ଦ୍ର ଦେହୁରୀ, ଅବସରପ୍ରାପ୍ତ ବିଇଓ ଦଶରଥ ମେହେର, ଆଲୁମନି ସଦସ୍ୟ ଇଂ. ରାକେଶ ତ୍ରିପାଠୀ, ସୁନୀଲ ବାରିକ, ଅନିରୁଦ୍ଧ ମହାକୁଳ, ବିକ୍ରମ ମହାକୁଳଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସ୍କୁଲର ଖେଳ ଶିକ୍ଷକ ସୁରେନ୍ଦ୍ର ନାଥ ଦାସ, ଖଗେଶ୍ୱର ମେହେର, ସନ୍ତୋଷ ଥନାପତି ପ୍ରମୁଖ ସହଯୋଗ କରିଥିଲେ ।

## ଉନ୍ନୟନ କମିଟି ବିଡିଓ, ଥାନାଧିକାରୀଙ୍କ ଦ୍ୱାରସ୍ଥ

**ଦେଓଗାଁ, ୩୧।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। କିଛିଦିନ ମଧ୍ୟରେ ଦେଓଗାଁ ବଙ୍ଗଳା ଛକ, ଏଟିଏମ ଛକ, ବସ୍‌ଷ୍ଟାଣ୍ଡ ଓ କଲେଜ ଛକ ନିକଟରୁ ବାରମ୍ବାର ଚୋରି ହୋଇଥିବା ବେଳେ ପୋଲିସ ଏଯାଏ ଚୋରଙ୍କ ପତ୍ତା ପାଇନାହିଁ। ବାହାର ଅଞ୍ଚଳର କେତେକ ଯୁବକ ଗାଁକୁ ଆସି ଅସାମାଜିକ କାର୍ଯ୍ୟ କରୁଥିବା ନଜରକୁ ଆସୁଛି ବୋଲି ଗ୍ରାମ୍ୟ ଉନ୍ନୟନ କମିଟି ଥାନାଧିକାରୀ ପ୍ରଭାତ କୁମାର ମହାନ୍ତିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛି। ପରେ କମିଟି କର୍ମକର୍ତ୍ତା ବିଡିଓ ମୁରଲୀଧର ନାଏକଙ୍କୁ ସାକ୍ଷାତ କରି ଦେଓଗାଁରେ ମୁକ୍ତାକାଶ ବ୍ୟାୟାମଶାଳା ନିର୍ମାଣ, ଦେଓଗାଁ ବସଷ୍ଟାଣ୍ଡ ନିକଟରେ ଶୌଚାଳୟ ନିର୍ମାଣ କରିବାକୁ ଦାବି କରିଥିଲେ। ଚଳିତ ମାସରେ ଦେଓଗାଁ ସୋନଗଡ ନଦୀ କୂଳରେ ଅବସ୍ଥିତ ଇନ ଟେକୱେଲ ପାଖରେ ଗ୍ୟାଲେରୀ ନିମାଣ କରାଯାଇଥିଲା। ସେହି ଗ୍ୟାଲେରି କାମ ନିମ୍ନମାନର ହୋଇଥିବାରୁ ଆଜକୁ ୯/୧୦ଦିନ ଧରି ଗୋଳିଆ ଦୂଷିତ ପାଣି ପାଇପରେ ଆସୁଛି। ଏଦିଗରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ଡା, ଶଶୀଭୂଷଣ ସାହୁ, ସମ୍ପାଦକ କୃଷ୍ଣପ୍ରସାଦ ପାଣିଗ୍ରାହୀ, କୈଳାଶ ତାଣ୍ଡି, ବିଶ୍ୱଜିତ ପାତ୍ର, ଶୈଳେନ୍ଦ୍ର ସାହୁ, ସଞ୍ଜୟ ହୋତା, ଟିଙ୍କୁ ଅଗ୍ରୱାଲ, କାର୍ତ୍ତିକ ମଲ୍ଲିକ, ବସନ୍ତ ଅଗ୍ରୱାଲ,ବୁଲୁ ପାଣ୍ଡେ ପ୍ରମୁଖ ଦାବି କରିଛନ୍ତି।

## କୋଭିଡ୍ ଟିକାକରଣ ଦାବିରେ ସ୍ମାରକପତ୍ର


ଟିକା ଦାବିରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ବରଗଡ଼ ଅଫିସ,୩୧।୫**

ବରଗଡ଼ ଜିଲା ଅତାବିରା ନିର୍ବାଚନ ମଣ୍ଡଳୀ ଅଧୀନ ଗ୍ରାମଗୁଡ଼ିକରେ କରୋନା ସଂକ୍ରମଣ ବଢ଼ିଚାଲିଛି। କିନ୍ତୁ ଏଠାରେ ୧୮ରୁ ୪୪ବର୍ଷ ବୟସ୍କଙ୍କ ପାଇଁ କୋଭିଡ୍ ଟିକାକରଣ ବ୍ୟବସ୍ଥା ଏଯାଏ ହୋଇପାରିନାହିଁ। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ସୋମବାର ଭାଜପାର ଏକ ପ୍ରତିନିଧି ଦଳ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ୧୮ରୁ ୪୪ବର୍ଷ ବୟସ୍କଙ୍କୁ କୋଭାଡ୍ ଟିକା, ସମସ୍ତ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ ବ୍ୟବସ୍ଥା ଏବଂ ଅତାବିରା ଓ ଭେଡ଼େନ ବ୍ଲକ ପାଇଁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗାଇ ଦେବାକୁ ସ୍ମାରକପତ୍ରରେ ଦାବି ହୋଇଛି। ଭାଜପା ନେତା ଭରତ ବେହେରା, ସୁନନ୍ଦା ମେହେର, ବିପିନ ଭୋସାଗର, ଲିପ୍‌ସିତ ମିଶ୍ର, ଲକ୍ଷ୍ମଣ ନନ୍ଦ, କ୍ଷୀରେଶ୍ୱରୀ ସ୍ୱାଇଁ, ସୁକାନ୍ତ ଦାଶ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଦୁର୍ଦ୍ଦିନରେ ଅସହାୟ ପରିବାର

- ବାପାଙ୍କ ମୃତ୍ୟୁ ପରେ ଅବସ୍ଥା ଦୟନୀୟ
- ଲକ୍‌ଡାଉନ ଛଡ଼େଇ ନେଲା ଜୀବିକା
- ଅର୍ଥାଭାବରୁ ପାଠପଢ଼ାରେ ଡୋରି


ଦୟନୀୟ ଅବସ୍ଥାରେ ତପ ଓ ତାଙ୍କ ୩ ଝିଅପୁଅ।

**ଜୁନାଗଡ, ୩୧।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଳିଆକୁଣ୍ଡଲ ପଲସାପଡାର ବିଜୟ ରଣା ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଅବସ୍ଥା ଏବେ ଦୟନୀୟ ହୋଇପଡିଛି। ଲକ୍‌ଡାଉନ ଜାରି ରହିଥିବାରୁ ସ୍ତ୍ରୀ ତପ ରଣା (୩୫) କାମ କରିବାକୁ ଯାଇ ପାରୁନାହାନ୍ତି। ଫଳରେ ତାଙ୍କ ପରିବାର ଚଳିବା କଷ୍ଟକର ହୋଇପଡିଛି। ପରିବାର କହିଲେ ତାଙ୍କର ୨ପୁଅ ଓ ଗୋଟିଏ ଝିଅ। ବଡପୁଅ ଲୋକେନ୍ଦ୍ର (୧୪) ନବମ ଏବଂ ଝିଅ ଲଭଲି (୮) ତୃତୀୟ ଶ୍ରେଣୀରେ ପଢୁଛନ୍ତି। ସାନ ପୁଅ ଦିନେଶକୁ ୨ବର୍ଷ। ପ୍ରଶାସନ ତଥା କୌଣସି ସହୃଦୟ ବ୍ୟକ୍ତି ଅସହାୟ ଏହି ପରିବାରକୁ ସହାୟତା କରିବାକୁ ସାଧାରଣରେ ଦାବି ହୋଇଛି। ପ୍ରକାଶ ଯେ, ଗତବର୍ଷ ଜୁନ୍‌ରେ ବିଜୟଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇବା ପରେ ପରିବାର ଅବସ୍ଥା ଦୟନୀୟ ହୋଇ ଦୁର୍ଦ୍ଦିନରେ ପଡିଛି। ଝିଅପୁଅଙ୍କ ମୁହଁରେ ଆହାର ଦେବା ପାଇଁ ମା' ବାଧହୋଇ କାମ କରିବାକୁ ପଦାକୁ ବାହାରିଥିଲେ। ଏବେ ଲକଡାଉନ ଯୋଗୁ କାମଧନ୍ଦା ନ ପାଇ ଘରେ ବସିଛନ୍ତି। ଫଳ ରେ ପରବାର ଚଳିବା କଷ୍ଟକର ହୋଇପଡିଛି। ସରକାରଙ୍କ ପକ୍ଷରୁ ମାସିକ ୧୫ କିଗ୍ରା ଚାଉଳ ଓ ୫ ଶହ ଭତ୍ତାରେ ତାଙ୍କ ଜୀବନ ଅତିବାହିତ ହେଉଛି। ଅର୍ଥ ବାଧକ ସାଜିଥିବାରୁ ଝିଅପୁଅଙ୍କ ପାଠପଢାରେ ମଧ୍ୟ ଡୋରି ବାନ୍ଧିଛି। ତାଙ୍କର କୌଣସି ଜମିବାଡି ନ ଥିବାବେଳେ ଘରଟିଏ ମଧ୍ୟ ନାହିଁ। ଏଭଳି ପରିସ୍ଥିତିରେ ଏକ ଭଙ୍ଗା ମାଟିଝାଟି କୁଡିଆରେ ଅତିବାହିତ କରୁଛନ୍ତି। ଏହି ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାମାଜିକ କର୍ମୀ ଗଣାଧିପ ନାଗ ଦୃଷ୍ଟି ଆକର୍ଷଣ କରିଛନ୍ତି।

## କରୋନା ସଂକ୍ରମିତଙ୍କ ମୃତ୍ୟୁ

**ବଡ଼ଗାଁ, (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ କୁସୁନା ଗ୍ରାମର ଜଣେ ବ୍ୟକ୍ତିଙ୍କ କରୋନା ସଂକ୍ରମଣରେ ମୃତ୍ୟୁ ଘଟିଛି। ଏହି ଗ୍ରାମର ବିଦ୍ୟାଧର କର୍ସେଲଙ୍କୁ ୧୩ ଦିନ ପୂର୍ବେ ସୁନ୍ଦରଗଡ଼ କୋଭିଡ୍ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ରାଉରକେଲା ଜେପି ହସ୍ପିଟାଲ ପଠାଯାଇଥିଲା। ଶନିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

## ସଂକ୍ଷେପରେ

### ଲହୁଣୀପଡ଼ା: ୯୦ ରୁ ୧୩ ପଜିଟିଭ ଚିହ୍ନଟ

**ଲହୁଣୀପଡା,୩୧।୫(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସୋମବାର କରୋନା ଆଣ୍ଟିଜେନ ପରୀକ୍ଷା କରାଯାଇଥିଲା। ଏଥିରେ ୯୦ ଜଣଙ୍କର ଆଣ୍ଟିଜେନ ପରୀକ୍ଷା କରାଯାଇଥିବାବେଳେ ସେଥି ମଧ୍ୟରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ଜଣାପଡିଛି।

### ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅବସର ଗ୍ରହଣ

**ସୁନ୍ଦରଗଡ,୩୧।୫(ଡି.ଏନ.ଏ):** ସର୍ଗିପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯଶୋବନ୍ତୀ ପାଢୀଯୋଷୀ ସୋମବାର ଚାକିରୀରୁ ଅବସର ନେଇଛନ୍ତି। ୧୯୮୫ରେ ସମ୍ବଲପୁର ଜିଲା ଜାମକାନୀ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷୟିତ୍ରୀ ଭାବେ ଚାକିରୀ ଜୀବନ ଆରମ୍ଭ କରିଥିବା ଶ୍ରୀମତୀ ପାଢୀଯୋଷୀ ସର୍ଗିପାଲି ଗ୍ରାମ ନିବାସୀ ତଥା ଓଡିଶାର ଜଣେ ଜଣାଶୁଣା ସାମ୍ବାଦିକ ଶିଶିର କୁମାର ପାଣିଗ୍ରାହୀଙ୍କୁ ବିବାହ କରିବା ପରେ ଲେଫ୍ରିପଡା ବ୍ଲକକୁ ବଦଳି ହୋଇ ଆସିଥିଲେ। ସେ ଜାନୁଆରୀ ୨୦୧୩ ରେ ସର୍ଗିପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ପାଇଥିଲେ। ସେ ଜଣେ ଆଦର୍ଶ, ମେଳାପୀ ଏବଂ କୃତୀ ଶିକ୍ଷୟିତ୍ରୀ ଭାବେ ଲୋକପ୍ରିୟ ହୋଇ ପାରିଥିଲେ। ଦୀର୍ଘ ୩୯ ବର୍ଷ ଚାକିରୀ ପରେ ସେ ଅବସର ନେଇଥିବାରୁ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକ ଓ ଶିକ୍ଷାବିତ ମହଲରୁ ତାଙ୍କର ଅବସର ଜୀବନ ସୁଖମୟ ହେବାର କାମନା କରାଯାଇଛି।

### ବାଇକ୍ ଦୁର୍ଘଟଣାରେ ଏସ୍‌ପିଓ ଯବାନ ମୃତ



**ଦେବଗଡ଼,୩୧।୫(ଡି.ଏନ.ଏ):** ରବିବାର ରାତ୍ରିରେ ଦେବଗଡ଼ ଥାନା ଅନ୍ତର୍ଗତ କୁଶପଙ୍ଗା ଗ୍ରାମ ନିକଟସ୍ଥ ରାଞ୍ଚି-ବିଜୟୱାଡା ରାଜପଥରେ ବାଇକ୍ ଦୁର୍ଘଟଣାରେ ଜଣେ ଏସ୍‌ପିଓ ଯବାନଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ ଅନୁଗୋଳ ଜିଲା ଜରପଡା ଥାନାରେ କାର୍ଯ୍ୟରତ ଦେବଗଡ଼ ଥାନା ସାନ ଶିରୋଡିହୀ ଗ୍ରାମର ଘାଶିରାମ ଜାରିକା(୩୦) ରବିବାର ରାତ୍ରିରେ ଜରପଡାରୁ ଜଣେ ସାଥୀଙ୍କ ସହ ବୁଲେଟ ଯୋଗେ ରାଞ୍ଚି -ବିଜୟୱାଡା ରାଜପଥଦେଇ ନିଜ ଘରକୁ ଫେରୁଥିଲେ। ତେବେ କୁଶପଙ୍ଗା ଗ୍ରାମ ନିକଟସ୍ଥ ଏକ ବୁଲାଣିରେ କୌଣସି କାରଣରୁ ଭାରସାମ୍ୟ ହରାଇ ବାଇକ ସହ ସେ ରାସ୍ତାଉପରକୁ ଛିଟିକି ପଡିଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନାପାଇ ଦେବଗଡ଼ ଥାନା ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରିବା ସହ ସୋମବାର ବ୍ୟବଚ୍ଛେଦ କରାଯାଇଛି। ସେହିପରି ଏକ ମାମଲା ରୁଜୁକରି ଦୁର୍ଘଟଣାଗ୍ରସ୍ତ ବାଇକଟିକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଓଜନରେ ହେରଫେର: ଧାନ ମପା ଯନ୍ତ୍ର ଜବତ

**ଲହୁଣୀପଡା,୩୧।୫(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ବଡ଼ପୁରୁଣାପଣି ପଞ୍ଚାୟତ ତାଳବାହାଲି ଗ୍ରାମରେ ସୋମବାର ଧାନ ଓଜନ ଯନ୍ତ୍ର ଓ ଗାଡିର କାଗଜପତ୍ରକୁ ଯୋଗାଣ ଅଧିକାରୀ ଜବତ କରିଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁସାରେ ସମ୍ବଲପୁର ଜିଲା ଜମନକିରା ଅଞ୍ଚଳର ଜଣେ ଧାନ ବ୍ୟବସାୟୀ ତାଳବାହାଲି ଗ୍ରାମକୁ ଆସି କମ୍ ମୂଲ୍ୟରେ ଚାଷୀଙ୍କ ଠାରୁ ଧାନ କିଣି ନେଉଥିଲେ। ଓଜନରେ ହେରଫେର୍ କରୁଥିବା ଚାଷୀମାନେ ସନ୍ଦେହ କରିଥିଲେ। ଯୋଗାଣ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଲହୁଣୀପଡା ଯୋଗାଣ ଅଧିକାରୀ ବିଜୟ କୁମାର ସାହୁ ଓ ଲହୁଣୀପଡା ମାପ, ଓଜନ ବିଭାଗର କର୍ମଚାରୀ ଆସି ଉକ୍ତ ମେଶିନକୁ ଏବଂ ଗାଡିର କାଗଜପତ୍ରକୁ ଯାଞ୍ଚ କରିବା ସହିତ ଜବତ କରିଥିଲେ। ଏହାର ସତ୍ୟାସତ୍ୟ ଘଟଣାର ତଦନ୍ତ ପରେ ଜଣାପଡିବ ବୋଲି ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଏ ଅଞ୍ଚଳରେ ଚାଷୀମାନେ ନିଜର ଧାନକୁ ଉଚିତ ମୂଲ୍ୟରେ ସରକାରଙ୍କ ମଣ୍ଡିରେ ବିକ୍ରିକରି ନ ପାରି ଧାନ ଦଲାଲ ମାନଙ୍କର ଶିକାର ହେଉଥିବା ଜଣାପଡିଛି।

# ଭାଜପା ନେତାଙ୍କ ସହ ୫ଜଣଙ୍କ ନାମରେ ମାମଲା

## କୋଭିଡ୍ ନିୟମ ଉଲ୍ଲଂଘନ କରି ଖାଦ୍ୟ ସାମଗ୍ରୀ ବିତରଣ

**ଦେବଗଡ଼, ୩୧।୫(ଡି.ଏନ.ଏ)**

ଭାରତର ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦିଙ୍କ ସପ୍ତମ ବର୍ଷ ପୂର୍ତ୍ତି ଉପଲକ୍ଷେ 'ସେବା ହିଁ ସଙ୍ଗଠନ' କାର୍ଯ୍ୟକ୍ରମ ଆୟୋଜନ ଅବସରରେ ଭାଜପା ସୁଗୁଡା ମଣ୍ଡଳ ପକ୍ଷରୁ ରବିବାର ମାଙ୍କଡିଆବସା (କଳାମାଟି) ଗ୍ରାମରେ ଖାଦ୍ୟ ସାମଗ୍ରୀ ବିତରଣ କରାଯିବା ଆୟୋଜକମାନଙ୍କୁ ମହଙ୍ଗା ପଡ଼ିଛି। ଲକ୍‌ଡାଉନ ସମୟରେ କୋଭିଡ୍ ନିୟମର ଖୋଲା ଉଲ୍ଲଂଘନ ପୂର୍ବକ ମାଙ୍କଡିଆବସା (କଳାମାଟି) ଗ୍ରାମରେ ଜନସମାବେଶ ଆୟୋଜନ କରି ଗ୍ରାମବାସୀଙ୍କୁ ରାଶନ ସାମଗ୍ରୀ ବିତରଣ କରିଥିବା ଦର୍ଶାଇ ଆୟୋଜକ ତଥା ଭାଜପା ସୁଗୁଡା ମଣ୍ଡଳ ସଭାପତି ତଥା ସମ୍ବଲପୁର ଲୋକସଭା ସାଂସଦଙ୍କ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ ଏବଂ ଧରଣୀଧର ସାହୁଙ୍କ ନାମରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ତିଲେଇବଣି ବ୍ଲକର ବିଡିଓ କୃଷ୍ଣଚନ୍ଦ୍ର ଦଳପତି ରବିବାର ଯଥା କ୍ରମେ ନୋଟିସ ନଂ-୧୨୩୩, ୧୨୩୪ ତା ୩୦।୫।୨୦୨୧ରିଖରେ ଉଭୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ କୋଭିଡ୍ ନିୟମ ଉଲ୍ଲଂଘନ କରିଥିବାରୁ ପ୍ରାକୃତିକ ବିପର୍ଯ୍ୟୟ ଆଇନ ୨୦୦୫ର ଧାରା ୫୧ରୁ ୬୦, କୋଭିଡ-୧୯ ରେଗୁଲେସନ୍ସ ୨୦୨୦ ଏବଂ ଭାରତୀୟ ପିଙ୍ଗଳ କୋଡର ଧାରା ୧୮୮ ଅନୁଶାରେ ସେମାନଙ୍କ ବିରୁଦ୍ଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେନେଇ ନୋଟିସ ପାଇବାର ୩ ଦିନ ମଧ୍ୟରେ କାରଣ ଦର୍ଶାଇବାକୁ କୁହାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ରବିବାର ତିଲେଇବଣି ବ୍ଲକ ଅନ୍ତର୍ଗତ ଭାଜପା ସୁଗୁଡା ମଣ୍ଡଳ ପକ୍ଷରୁ ମାଙ୍କଡିଆବସା (କଳାମାଟି) ଗ୍ରାମବାସୀଙ୍କୁ ଆଳୁ, ପିଆଜ, ଲୁଣ, ବିସ୍କୁଟ, ହାତଧୁଆ ସାବୁନ, ମାସ୍କ ଓ ହୋମିଓପାଥି ଔଷଧ ବିତରଣ କରାଯାଇଥିଲା। ସର୍ବଶେଷ ସୂଚନା ଅନୁଯାୟୀ ଉପରୋକ୍ତ ଘଟଣାରେ ସୋମବାର ଦେବଗଡ ଆଦର୍ଶ ଥାନା ପୋଲିସ ପକ୍ଷରୁ ସୁଗୁଡା ମଣ୍ଡଳ ସଭାପତି ପ୍ରଧାନ ଓ ଅନ୍ୟ ୫ ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଥିବା ଜଣାପଡିଛି।

## ଝଡ଼ପବନରେ ବିଦ୍ୟୁତ୍ ତାର ଛିଣ୍ଡିଲା, ଘର ଭାଙ୍ଗିଲା



ଗଛପଡ଼ି ଘର ଭାଙ୍ଗିଯାଇଛି।

**ବଡ଼ଗାଁ, ୩୧।୫(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ଘଡ଼ଘଡ଼ି ସହିତ ଝଡ଼ପବନ ହେବାରୁ କ୍ଷୟକ୍ଷତି ହୋଇଛି। ବିଶେଷକରି ଜରଙ୍ଗଲୋଇ ପଞ୍ଚାୟତ ଅଞ୍ଚଳରେ ବ୍ୟାପକ କ୍ଷତି ଘଟିଛି। ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ତୀବ୍ରଗତିରେ ପବନ ବହିବାରୁ ବାଗବୁଡ଼ ଗ୍ରାମରେ ବିଦ୍ୟୁତ୍ ତାର ଛିଣ୍ଡିଯିବା ସହିତ ରବି ପଟେଲଙ୍କ ଘର ଉପରେ ଗଛ ପଡ଼ିବାରୁ ଘର ଭାଙ୍ଗି ଚୁରମାର ହୋଇଯାଇଛି। ବେହେରାମାଲ, ବାଲିପୋଷ, କନ୍ଦ୍ରାପଡ଼ା ଆଦି ଗ୍ରାମରେ ଝଡ଼ପବନ ଯୋଗୁ କ୍ଷୟକ୍ଷତି ହୋଇଛି।

## ହେଲ୍ପଲାଇନ ଦ୍ୱାରା ରୋଗୀଙ୍କୁ ଟେଲି ପରାମର୍ଶ



ହେଲ୍ପଲାଇନ ଯୋଗେ ଟେଲି ପରାମର୍ଶ ଦିଆଯାଉଛି।

**ସୁନ୍ଦରଗଡ଼, ୩୧।୫(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲାରେ କୋଭିଡ୍ ପରିଚାଳନା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ଜିଲା ହେଲ୍ପଲାଇନ ଏବଂ ରାଉରକେଲା କୋଭିଡ ହେଲ୍ପଲାଇନ। ଏହା ଜରିଆରେ ବିଭିନ୍ନ ବିଷୟରେ ଲୋକଙ୍କୁ ସୂଚନା ଓ ପରାମର୍ଶ ଦିଆଯାଉଛି। ବିଶେଷକରି ହୋମ ଆଇସୋଲେସନରେ ଥିବା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରିଚାଳନା ଦିଗରେ ଏହା ସହାୟକ ହୋଇପାରିଛି। ଏହି କଲ ସେଣ୍ଟରଗୁଡ଼ିକରେ ଡାକ୍ତରମାନେ ଉପସ୍ଥିତ ରହି କୋଭିଡ୍ ଏବଂ ଅଣକୋଭିଡ ରୋଗୀଙ୍କୁ ସିଧାସଳଖ ଚିକିତ୍ସା ଓ ପରାମର୍ଶ ଦେଉଛନ୍ତି। ରାଜ୍ୟ ସରକାରଙ୍କ ମୋ' ସରକାର ଓ ୫-ଟି ଅଭିଯାନ ଅଧୀନରେ ପ୍ରଶାସନିକ ସ୍ୱଚ୍ଛତା ଓ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହା ଅଧୀନରେ ସୁନ୍ଦରଗଡ଼ ଓ ରାଉରକେଲାଠାରେ ଦୁଇଟି ୨୪ ଘଣ୍ଟିଆ କଲ ସେଣ୍ଟର ଖୋଲାଯାଇଛି। ଜନସାଧାରଣ ଏହି କଲ ସେଣ୍ଟରକୁ ମାଗଣାରେ କଲ କରି ବିଭିନ୍ନ ସେବା ସମ୍ପର୍କରେ ସୂଚନା ପାଇବା ସହ ଅଭିଯୋଗ ଦାଖଲ କରିପାରୁଛନ୍ତି। ସୁନ୍ଦରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲା ହେଲ୍ପଲାଇନ ପ୍ରତିଷ୍ଠା କରାଯାଇଛି, ଯାହାର ନମ୍ବର ହେଉଛି ୧୮୦୦ ୩୪୫ ୭୪୬୧/ ୦୧୧ ୪୧୧୮୨୧୩୮। ସେହିପରି ରାଉରକେଲା ମହାନଗର ନିଗମ ପକ୍ଷରୁ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ହେଲ୍ପଲାଇନ ନମ୍ବର ୧୮୦୦ ୩୪୫ ୭୪୬୮ ଜାରି କରାଯାଇଛି। କୋଭିଡ ସମୟରେ ଲୋକଙ୍କ ସୁବିଧା ପାଇଁ ଉଭୟ ହେଲ୍ପଲାଇନରେ ଡାକ୍ତରମାନଙ୍କୁ ନିୟୋଜିତ କରାଯାଇଛି। ଏଠାରେ ମେଡିସିନ ବିଭାଗ ସହ ମାନସିକ ରୋଗ ବିଭାଗର ଡାକ୍ତର ଉପସ୍ଥିତ ରହି ଲୋକଙ୍କୁ ଫୋନ ମାଧ୍ୟମରେ ନିୟମିତ ସ୍ୱାସ୍ଥ୍ୟ ପରାମର୍ଶ ଦେଉଛନ୍ତି। କୋଭିଡ ମହାମାରୀ ସମୟରେ ସୁନ୍ଦରଗଡ଼ ଏବଂ ରାଉରକେଲା ହେଲ୍ପଲାଇନ ଲେକଙ୍କ ସୁବିଧା ପାଇଁ ସବୁବେଳେ ପ୍ରସ୍ତୁତ ହୋଇ ରହିଛି। ସେହିପରି ହୋମ ଆଇସୋଲେସନ, ଟେଷ୍ଟିଂ, ଟିକାକରଣ, ଆମ୍ବୁଲାନ୍ସ ସେବା, ଅକ୍ସିଜେନ ଆବଶ୍ୟକତା ତଥା କୌଣସି ରୋଗୀଙ୍କର ଡାକ୍ତରଖାନାରେ ଆଡମିଶନ ବା ଆଇସିୟୁ ବେଡ ଆବଶ୍ୟକ ହେଲେ ସେମାନେ ହେଲ୍ପଲାଇନକୁ କଲ କରୁଛନ୍ତି। ତା' ସହିତ କଲ ସେଣ୍ଟରରେ ଟେଲି କନସଲ୍ଟିଙ୍ଗକୁ ଯୋଡ଼ା ଯିବା ଫଳରେ ଘରେ ବସି କୋଭିଡ ଆକ୍ରାନ୍ତ ଓ ଅନ୍ୟ ରୋଗୀମାନେ ଡାକ୍ତରଙ୍କ ପରାମର୍ଶ ନେଇ ପାରୁଛନ୍ତି ବୋଲି କହିଛନ୍ତି ଜିଲାପାଳ ନିଖିଲ ପବନ କଲ୍ୟାଣ।

## ନାବାଳିକା ହତ୍ୟା ଘଟଣା: ନାବାଳକ ଅଟକ

**ଲହୁଣୀପଡା,୩୧।୫(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ବାଟେ ସାହିର ପରିତ୍ୟକ୍ତ ସ୍କୁଲ ଘରୁ ନାବାଳିକାଙ୍କ ମୃତଦେହ ଜବତ ହୋଇଥିଲା। ହତ୍ୟା ରହସ୍ୟ ଉନ୍ମୋଚିତ କରିବାରେ ପୋଲିସ ସକ୍ଷମ ହୋଇଛି। ଜନୈକ ନାବାଳକ ଉକ୍ତ ନାବାଳିକାଙ୍କୁ ତଣ୍ଟି ଚିପି ହତ୍ୟା କରି ଫେରାର ହୋଇଯାଇଥିଲା। ସୂଚନା ଅନୁସାରେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାକର ତୋଳା ଗ୍ରାମର ଜନୈକା ନାବାଳିକା(୧୫)ଗତ ୨୨ ତାରିଖ ନିକଟସ୍ଥ ବାଟେ ସାହି ଗ୍ରାମକୁ ବିବାହ ଉତ୍ସବରେ ଯୋଗଦେବା ପାଇଁ ଯାଇଥିଲେ। ପରିବାରର ଅନ୍ୟମାନେ ପଳେଇ ଆସିଥିଲେ ମଧ୍ୟ ନାବାଳିକା ଜଣକ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ନପାଇ ନିରାଶ ହୋଇଥିଲେ। ୨୩ ତାରିଖ ସକାଳୁ ବାଟେ ସାହି ଗ୍ରାମର ପରିତ୍ୟକ୍ତ ସ୍କୁଲ ଘରେ ନାବାଳିକାଙ୍କ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। କେ.ବଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡା ଡାକ୍ତରଖାନାକୁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲେ। ୯ ଦିନ ପରେ ପ୍ରକୃତ ରହସ୍ୟ ଉନ୍ମୋଚିତ କରିବାର ସକ୍ଷମ ହୋଇଥିଲେ। ସୂଚନା ଥାଉକି ଉକ୍ତ ବିବାହ ଉତ୍ସବରେ ନିକଟସ୍ଥ ବାଙ୍କ ଗ୍ରାମର ଜନୈକ ନାବାଳକ ଆସିଥିଲେ। ଉକ୍ତ ନାବାଳିକାକୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ପରିତ୍ୟକ୍ତ ସ୍କୁଲ ଘରକୁ ନେଇଯାଇଥିଲେ। ତାକୁ ତଣ୍ଟିଚିପି ହତ୍ୟା କରିବା ପରେ ନାବାଳକ ସେଠାରୁ ସାଇକେଲ ଯୋଗେ ଫେରାର ହୋଇଯାଇଥିଲେ। ପୋଲିସ ନାବାଳକକୁ ଅଟକ ରଖି ପଚରାଉଚରା କରିବାରୁ ଘଟଣା ସମ୍ପର୍କରେ ନାବାଳକ ସ୍ୱୀକାର କରିଥିଲା।

## ଫେରାର ଯବାନ ଗିରଫ

### ବିବାହ ପ୍ରତିଶ୍ରୁତି ଦେଇ ନାବାଳିକାଙ୍କୁ ପ୍ରତାରଣା ଅଭିଯୋଗ

**ସୁନ୍ଦରଗଡ଼,୩୧।୫(ଡି.ଏନ୍.ଏ.)**

ସୁନ୍ଦରଗଡ଼ ସଦର ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୋଗରେ ଫେରାର୍ ଥିବା ଅଭିଯୁକ୍ତ ଯବାନ ଲୋହିତ ଛଚାନଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ଘର କିଞ୍ଜିରିକେଲା ଥାନା ଅନ୍ତର୍ଗତ ବାଙ୍କିବାହାଲ ଗ୍ରାମରେ। ସେ ପଶ୍ଚିମବଙ୍ଗ ସଶସ୍ତ୍ର ସୀମା ସୁରକ୍ଷା ବାହିନୀରେ କାର୍ଯ୍ୟ କରନ୍ତି। ଛୁଟିରେ ଆସିବା ସମୟରେ ଅଭିଯୁକ୍ତ ଯବାନଙ୍କର କଲେଜ ପଢୁଥିବା ଏହି ନାବାଳିକାଙ୍କ ସହିତ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ବିବାହର ପ୍ରତିଶ୍ରୁତି ଦେଇ ଗତ ୨୦୨୦ ଫେବୃୟାରୀ ୨ରେ ନାବାଳିକାଙ୍କୁ ଯବାନ ଜଣକ ନିଜ ଘରକୁ ନେଇ ରଖିଥିଲେ। ତହିଁପରଦିନ ତାଙ୍କୁ ଆଣି ସୁନ୍ଦରଗଡ଼ ସହର ରଙ୍ଗାଢିପାରେ ଏକ ଭଡ଼ା ଘରେ ରଖି ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଏ ସମ୍ପର୍କରେ ଖବରପାଇ ନାବାଳିକାଙ୍କ ପରିବାର ଲୋକେ ସଦର ଥାନାରେ ରିପୋର୍ଟ କରିବା ପରେ ପୋଲିସ ଉଭୟଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲେ। ଅଭିଯୁକ୍ତ ଯବାନ ନାବାଳିକାଙ୍କ ସହିତ ପ୍ରେମ ସମ୍ପର୍କ ଥିବା ସ୍ୱୀକାର କରିଥିଲେ। ହେଲେ ନାବାଳିକା ୧୮ ବର୍ଷ ବୟସ ହେଲା ପରେ ତାଙ୍କୁ କୋର୍ଟରେ ବିବାହ କରିବେ ବୋଲି ଥାନାରେ ଲିଖିତ ଭାବେ ଜଣାଇଥିଲେ। ଏହା ପରେ ନାବାଳିକାଙ୍କୁ ଭଡା ଘରେ ରଖି ଚାକିରୀ କ୍ଷେତ୍ରକୁ ଚାଲିଯାଇଥିଲେ। ପରେ ମଝିରେ ମଝିରେ ଛୁଟିରେ ଆସି ନାବାଳିକା ସହ ଶାରୀରିକ ସମ୍ପର୍କ ରଖୁଥିଲେ। ଏହା ପରେ ୨୦୨୦ ଡିସେମ୍ବରରେ ଯବାନ ଅନ୍ୟ ଜଣେ ଯୁବତୀଙ୍କୁ ମନ୍ଦିରରେ ବିବାହ କରିଥିଲେ। ୨ମାସ ପରେ ନାବାଳିକା ଜଣକ ଏନେଇ ଖବରପାଇ ତାଙ୍କୁ ଫୋନ କରିଥିଲେ। ମାତ୍ର ଅଭିଯୁକ୍ତ ଯବାନ ତାଙ୍କୁ ଓଲଟା ହତ୍ୟା କରିବାକୁ ଧମକ ଦେଇ ଫୋନ କାଟି ଦେଇଥିଲେ। ଘଟଣା ସମ୍ପର୍କରେ ନାବାଳିକା ଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ମାଆଙ୍କ ସହ ମିଶି ଟାଉନ ଥାନାରେ ଆସି ଫେବୃୟାରୀ ମାସରେ ରିପୋର୍ଟ କରିଥିଲେ। ଥାନାରେ ରିପୋର୍ଟ ହେବା ଜାଣି ଯବାନ ଜଣକ ଘରୁ ଫେରାର୍ ହେବା ସହ ଚାକିରୀକୁ ମଧ୍ୟ ଯାଇ ନ ଥିଲେ। କୌଣସି ସୂତ୍ରରୁ ଖବର ପାଇ ଟାଉନ ଥାନା ପୋଲିସ ଅଭିଯୁକ୍ତ ଲୋହିତଙ୍କୁ ରବିବାର ବାମରା ତିଲେଇମାଲସ୍ଥିତ ଶ୍ୱଶୁର ଘରୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।

## ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଆଗରେ ଗହଳି: ରହିଲାନି ସାମାଜିକ ଦୂରତା

**କୁତ୍ରା, ୩୧।୫(ଡି.ଏନ.ଏ)**



କୁତ୍ରା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ଲୋକଙ୍କ ଗହଳି।

ସରକାର କରୋନା ଶୃଙ୍ଖଳକୁ ଭାଙ୍ଗିବା ପାଇଁ ଲକ୍‌ଡାଉନ, ଶଟ୍‌ଡାଉନ ଘୋଷଣା କରିବା ସହିତ ଲୋକଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ପୋଲିସ ଓ ପ୍ରଶାସନ ପକ୍ଷରୁ ନିୟମିତ ଯାଞ୍ଚ କରିବା ସହିତ ଜରିମାନା ମଧ୍ୟ ଆଦାୟ କରାଯାଉଛି। ତଥାପି କେତେଜଣ ଅମାନିଆ ସୁଧୁରୁନାହାଁନ୍ତି। କରୋନାର ପ୍ରଥମ ଲହରରେ ସହରଠୁ ଆରମ୍ଭ କରି ଗାଁଗଣ୍ଡା ସବୁଠି ପୋଲିସ ଓ ପ୍ରଶାସନ ପକ୍ଷରୁ ଯାଞ୍ଚକୁ କଡାକଡ଼ି ପାଳନ କରାଯାଉଥିଲା କିନ୍ତୁ ବର୍ତ୍ତମାନ କେବଳ ରାଜ୍ୟ ରାଜପଥ ଉପରେ ସୀମିତ ଥିବାରୁ ଲୋକେ ସୁଧୁରୁନାହାଁନ୍ତି। ଦୋକାନ ବଜାରଠୁ ଆରମ୍ଭ କରି ବାହାଘର ପର୍ଯ୍ୟନ୍ତ ସବୁଠି ଲୋକଙ୍କ ଗହଳି ଦେଖିବାକୁ ମିଳୁଛି। ତାହାର ଏକ ଜ୍ୱଳନ୍ତ ଉଦାହରଣ ସୋମବାର ଦେଖିବାକୁ ମିଳିଛି। ସୁନ୍ଦରଗଡ଼ ଜିଲା କୁତ୍ରା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ବିଦ୍ୟୁତ୍ ବିଲ୍ ଦେବାକୁ ଆସିଥିବା ଲୋକଙ୍କ ମଧ୍ୟରେ ଗହଳି ଦେଖିବାକୁ ମିଳିଛି। ଲୋକଙ୍କ ମଧ୍ୟରେ ସାମାନ୍ୟ ମାତ୍ର ସାମାଜିକ ଦୂରତା ଦେଖିବାକୁ ମିଳି ନ ଥିଲା। କେତେଜଣ ଲୋକଙ୍କ ମୁହଁରେ ମାସ୍କ ନ ଥିଲା। ତେବେ ଏହା ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ନଜରକୁ କେମିତି ଆସି ନ ଥିଲା ଏବଂ ଏମିତି ଗହଳି କରି କିପରି ବିଲ ସଂଗ୍ରହ କରୁଥିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେବେ ପୋଲିସ ଓ ପ୍ରଶାସନ ପକ୍ଷରୁ ଗାଁଗାଁ ବୁଲି କଡାକଡ଼ି ଭାବରେ ଯାଞ୍ଚ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ଦାୟିତ୍ୱ ଗ୍ରହଣ କଲେ ଅନୁଗୋଳ ଏସ୍‌ପି



ଦେବଗଡ଼ ଏସ୍‌ପିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

**ଦେବଗଡ଼,୩୧।୫(ଡି.ଏନ.ଏ)**

ଦେବଗଡ ଏସ୍‌ପି ମନୋଜ କୁମାର ମାହାନ୍ତ ସୋମବାର କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଦାୟୀ ଏସ୍‌ପି ମାହାନ୍ତଙ୍କୁ ଜିଲା ପୋଲିସ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଉତ୍ତର କେନ୍ଦ୍ରାଞ୍ଚଳ (ତାଳଚେର) ଡିଆଇଜି ସାର୍ଥକ ଷଡଙ୍ଗୀଙ୍କ ଉପସ୍ଥିତିରେ ବିଭାଗ ପକ୍ଷରୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଡିଆଇଜି ଷଡଙ୍ଗୀ ଏସପି. ମାହାନ୍ତ ଚାକିରୀକାଳ ମଧ୍ୟରେ କରିଥିବା ଉଲ୍ଲେଖନୀୟ କାର୍ଯ୍ୟ ଏବଂ ପୋଲିସ ବିଭାଗ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ତାଙ୍କର ଦୀର୍ଘ ଏବଂ ନିରାମୟ ଜୀବନ କାମନା କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଏସ୍.ପି. ରବି ନାରାୟଣ ସି, ଏସ୍‌ଡିପିଓ ପ୍ରତ୍ୟୁଷ ମହାପାତ୍ରଙ୍କ ସମେତ ଡିଏସ୍‌ପି (ଡିଆଇବି) ପ୍ରଦୀପ କୁମାର କେର୍କେଟ୍ଟା, ଦେବଗଡ ଆଦର୍ଶ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ନାୟକ, ବାରକୋଟ ଥାନା ଅଧିକାରୀ କନକ ମାଝୀ, ରିଆମାଳ ଥାନା ଭାରପ୍ରାପ୍ତ ଅଧିକାରୀ ଗୋପବନ୍ଧୁ ବେହେରା ଓ କୁଣ୍ଢେଇଗୋଳା ଥାନା ଭାରପ୍ରାପ୍ତ ଅଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଦେବଗଡ ଏସ୍.ପି. ଭାବେ ଅନୁଗୋଳ ଏସ୍‌ପି ଜଗମୋହନ ମୀନା ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡିଛି।

## ବହୁମୁଖୀ ପ୍ରତିଭାର ଅଧିକାରୀ ତପନ

**ଦେବଗଡ଼, ୩୧।୫ (ଡି.ଏନ୍.ଏ.)**





ତପନ ପୋଲିସ ପୋଷାକରେ (ବାମ) ଖଞ୍ଜଣି ବଜାଉଛନ୍ତି (ଡାହାଣ)।

ପେସା ପୋଲିସ ଚାକିରି। ନିଶା ସମାଜସେବା। ତା' ସହିତ ଜଣେ କଳାକାର। କହିବାକୁ ଗଲେ ଏକାଧାରରେ ସେ ହେଉଛନ୍ତି ଜଣେ ଲେଖକ, ଅଭିନେତା, ନିର୍ଦ୍ଦେଶକ, ସାମାଜିକକର୍ମୀ। ବହୁମୁଖୀ ପ୍ରତିଭାର ଅଧିକାରୀ ସେ। ଅନେକ ଆଞ୍ଚଳିକ ଯାତ୍ରାପାର୍ଟିରେ ଆଙ୍କରିଂ, ନୃତ୍ୟ ଏବଂ ଅଭିନୟକରି ସମସ୍ତଙ୍କ ମନ ଜିଣିପାରିଛନ୍ତି। ସମସ୍ତଙ୍କ ମୁହଁରେ ରହିଛି ତାଙ୍କର ପ୍ରଶଂସା। କହିବାକୁ ଗଲେ ସେ ପେସାରେ ଜଣେ ପୋଲିସ ହେଲେ ମଧ୍ୟ କଳା ହେଉଛି ତାଙ୍କର ଜୀବନ। ସେ ହେଉଛନ୍ତି ତପନ କୁମାର ନାୟକ। ଦେବଗଡ଼ ଜିଲା ରିଆମାଳ ବ୍ଲକର ପରା ଗ୍ରାମରେ ତପନଙ୍କ ଜନ୍ମ। ଏମ୍‌ପିସି ଏକାଡେମୀ ଶେଣ୍ଠା ହାଇସ୍କୁଲରେ ପଢୁଥିବା ସମୟରେ ଆରମ୍ଭ ହୋଇଥିଲା ତାଙ୍କର ପ୍ରଶଂସାର ସୁଅ। ନୃତ୍ୟ ଓ ଅଭିନୟ ପାଇଁ ଚର୍ଚ୍ଚିତ ଏହି କଳାକାର ବିଭିନ୍ନ ଯାତ୍ରାରେ ଅଭିନୟ ସହ ଅନେକ ନାଟକ ଲେଖିବା, ନିର୍ଦ୍ଦେଶନା ଦେବାରେ ମଧ୍ୟ ରହିଛି ଦଖଲ। ଆହୁରି ମଧ୍ୟ ଡିଆଇଇଟି ଅନୁଗୋଳରେ ଡିଏଲ୍‌ଇଡି କରି କ୍ଷୀରୋଦ ବାସିନୀ କନ୍ୟାଶ୍ରମ କତଡ଼ା ଅନୁଗୋଳରେ ଶିକ୍ଷକତା କରୁଥିବା ସମୟରେ ସମସ୍ତ ଓଲିଉଡ ଓ ବଲିଉଡର କଳାକାରମାନଙ୍କ କଣ୍ଠସ୍ୱରକୁ ଅବିକଳ ନକଲ କରି ଏକକ ଅଭିନୟ ମାଧ୍ୟମରେ ସମସ୍ତଙ୍କ ମନ ଜିଣି ନେଇଥିଲେ। ନିଶାନିବାରଣ କାର୍ଯ୍ୟକ୍ରମ ପାଇଁ ସେ ଅତି ଆଦରଣୀୟ ହୋଇପାରିଥିଲେ। ଜାତୀୟ ଚଳଚ୍ଚିତ୍ର ଓ ଦୂରଦର୍ଶନ ପ୍ରତିଷ୍ଠାନ କଟକରୁ ଡ୍ରାମାରେ ଡିପ୍ଲୋମା କରିଥିବା ଏହି ବହୁମୁଖୀ ପ୍ରତିଭାର ଅଧିକାରୀ ଜଣେ ଖଞ୍ଜଣି ବାଦକ ମଧ୍ୟ। ନାରୀ ସୁରକ୍ଷା ସମିତିର ସଦସ୍ୟ ତଥା ଭୀମ ଭୋଇ ମହିମା ପୀଠ ବଏଜାର ସଂଯୋଜକ ହିସାବରେ ମଧ୍ୟ ଅନେକ ସମାଜମଙ୍ଗଳକାରୀ କାର୍ଯ୍ୟ କରିଥିବା ତପନ ବର୍ତ୍ତମାନ କଟକସ୍ଥିତ ସିଆଇଡି କ୍ରାଇମବ୍ରାଞ୍ଚର ସବ୍‌ଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ସେ ଲୋକଙ୍କର ପ୍ରଶଂସାର ପାତ୍ର ହୋଇପାରିଛନ୍ତି। 'ଥିଙ୍କ୍' ମାନବାଧିକାର ସଙ୍ଗଠନର ଅନୁଗୋଳ ଜିଲା ସଭାପତି, ନ୍ୟାଶନାଲ ହ୍ୟୁମ୍ୟାନ ରାଇଟ୍ସ ଆଣ୍ଡ ଆଣ୍ଟିକରପ୍‌ଶନ ବ୍ୟୁରୋର ସଦସ୍ୟ, ନ୍ୟାଶନାଲ କ୍ରାଇମ ରିସର୍ଚ୍ଚ ଇଣ୍ଟେଲିଜେନ୍ସି ବ୍ୟୁରୋର ଷ୍ଟେଟ ଇଣ୍ଟେଲିଜେନ୍ସ ଅଫିସର, ଭଗତ ସିଂ ଯୁବସେନା, ଓଡ଼ିଶାର ସଦସ୍ୟ, ହେଲ୍ପ ଇଣ୍ଡିଆର ସଦସ୍ୟ, ଆଣ୍ଟିକରପ୍‌ଶନ ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ସଦସ୍ୟ, ଦୁଃଖସୁଖର ସାଥୀ ସଂସ୍ଥାର ସଦସ୍ୟ ଅଛନ୍ତି।

**-ରିପୋର୍ଟ ଶଶାଙ୍କ ଶେଖର ଝାଙ୍କର।**



ତପନଙ୍କୁ ଉତ୍ସବରେ ପୁରସ୍କୃତ କରାଯାଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧ ଜୁନ୍, ୨୦୨୧

## ମହିଚଲାରେ ନୂତନ କୋଭିଡ୍ ଟିକାକରଣ କେନ୍ଦ୍ର

ଜୁନାଗଡ, (ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲା ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ସୋମବାର ନୂତନ କୋଭିଡ୍-୧୯ ଟିକାକରଣ କେନ୍ଦ୍ର ଶୁଭାରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ଅଞ୍ଚଳର ୪୫ରୁ ଊର୍ଦ୍ଧ୍ୱ ୨୨ଜଣ ଟିକା ନେଇଥିଲେ। ମହିଚଲା ସରପଞ୍ଚ ଅଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଟିକାକରଣ କେନ୍ଦ୍ର ଶୁଭାରମ୍ଭରେ ଅତିଥି ଭାବେ ଜୁନାଗଡ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା, ଡବ୍ଲିଏଚଓ ଡାକ୍ତର ବାରିକ, ଡାକ୍ତର ଇଲିଜା ପ୍ରିୟଦର୍ଶିନୀ ବେହେରା, ବିପିଏମ ସୁମେଶ୍ୱର ନାଏକ, ଦେବାଶିଷ ବାରିକ ପ୍ରମୁଖଙ୍କ ସହ ଆଶାକର୍ମୀମାନେ ଉପସ୍ଥିତ ଥିଲେ।



# ଜିଲାପାଳଙ୍କ ଅଫିସ ଘେରିଲା କୃଷକ ସଙ୍ଗଠନ

**ଟୋକନ୍ ଅବଧି ବୃଦ୍ଧି, ବାତ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ ଦାବି**

ସମ୍ବଲପୁର,୩୧।୫(ବ୍ୟୁରୋ)


ଜିଲାପାଳଙ୍କ ଅଫିସ ଆଗରେ ଚାଷୀମାନଙ୍କ ସହ ଆଲୋଚନା କରୁଛନ୍ତି ପ୍ରଶାସନିକ ଅଧିକାରୀ।

ଟୋକନ ଅବଧି ବୃଦ୍ଧି ଓ ବାତ୍ୟା ୟାସ୍ ପ୍ରଭାବରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦାବିରେ ସୋମବାର ସମ୍ବଲପୁର କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଚାଷୀମାନଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ନେଇ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଶାନ୍ତ ପଡିଥିଲା।

କୋଭିଡ୍‌ର ଦ୍ୱିତୀୟ ଲହର ଜାରି ରହିଥିବାବେଳେ ଜିଲାର ଚାଷୀଙ୍କ ଧାନବିକ୍ରି ସମସ୍ୟା ଦୂର ହୋଇପାରି ନାହିଁ। ଏପରି ସମୟରେ ବାତ୍ୟା ୟାସ୍ ଚାଷୀକୁଳର ଚିନ୍ତା ବଢାଇଦେଇଛି। ପ୍ରବଳ ବର୍ଷା ଯୋଗୁ ହଜାର ହଜାର ହେକ୍ଟର ଜମିର ଧାନ ଭିଜି ଯାଇଛି। ଧାନ ଶୁଖିବା ବେଳକୁ ଟୋକନ୍ ଅବଧି ସରିଯାଇଥିବ। ଏହାର ଅବଧି ବୃଦ୍ଧି ନେଇ ପୂର୍ବରୁ ଚାଷୀମାନେ ଯୋଗାଣ ବିଭାଗ ଓ ସମବାୟ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେତେବେଳେ କୃଷକ ସଙ୍ଗଠନ ପକ୍ଷରୁ ପ୍ରଶାସନକୁ ତିନିଦିନର ମହଲତ ଦିଆଯାଇଥିଲା। ଅବଧି ଶେଷ ହୋଇଥିଲେ ମଧ୍ୟ ସମସ୍ୟା ସମାଧାନ ନ ହେବାରୁ ସଙ୍ଗଠନର କର୍ମକର୍ତ୍ତାଙ୍କ ସହ ଚାଷୀମାନେ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ସେମାନେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଥିଲେ। ପରେ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏହା ରାଜ୍ୟସ୍ତରୀୟ ପ୍ରସଙ୍ଗ ହୋଇଥିବାରୁ ଏ ନେଇ ସରକାରଙ୍କୁ ଚିଠି ଲେଖାଯାଇଛି। ଖୁବ୍‌ଶୀଘ୍ର ସମସ୍ୟା ସମାଧାନ ହେବ ବୋଲି କହିଥିଲେ। ଅନ୍ୟପକ୍ଷେ ଟୋକନ୍ ଅବଧି ବୃଦ୍ଧି ନ ହେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ ପ୍ରକାଶ କରିଛନ୍ତି।

# ମା'ସମଲେଶ୍ୱରୀ ମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ

ସମ୍ବଲପୁର,୩୧।୫(ବ୍ୟୁରୋ)

ସରକାରଙ୍କ ଦ୍ୱାରା ପରିବର୍ତ୍ତିତ ଲକ୍‌ଡାଉନକୁ ଦୃଷ୍ଟିରେ ରଖି ଜୁନ ୧ରୁ ୧୭ ତାରିଖ ପର୍ଯ୍ୟନ୍ତ ମା'ସମଲେଶ୍ୱରୀ ମନ୍ଦିରରେ ଭକ୍ତମାନଙ୍କ ପାଇଁ ଦର୍ଶନ ବନ୍ଦ ରହିବ। ରାଜ୍ୟ ସରକାର ଲକ୍‌ଡାଉନ ସମ୍ପର୍କରେ ଘୋଷଣା କରିବା ପରେ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବୈଠକ କରାଯାଇ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସଭାପତି ସଞ୍ଜୟ ବାବୁ ସୋମବାର ସୂଚନା ଦେଇଛନ୍ତି। ଏହି ସମୟରେ କେବଳ ମନ୍ଦିର ପୂଜକମାନେ ରୀତିନୀତି ଅନୁସାରେ ପୂଜା କରିବେ। ସେମାନେ ମଧ୍ୟ କଟକଣା ପାଳନ କରିବେ।

# କଲେଜରେ ତମାଖୁ ବର୍ଜନ ଦିବସ

ନାକଟିଦେଉଳ,୩୧।୫(ଡି.ଏନ.ଏ.)

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ୟୁଥ୍ ରେଡକ୍ରସ ପକ୍ଷରୁ ସୋମବାର ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଭର୍ଚୁଆଲ ମାଧ୍ୟମରେ ଏହା ପାଳନ କରାଯାଇଥିଲା। ଏଥିରେ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ସୁଧୀର କୁମାର ସାହୁ ସଭାପତିତ୍ୱ କରିଥିଲେ। କଲେଜର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଅନ୍‌ଲାଇନରେ ଯୋଗଦେଇ ତମାଖୁ ବର୍ଜନ ସମ୍ପର୍କରେ ଆଲୋଚନା କରିଥିଲେ। ରୋଗର ଭୟାବହତାକୁ ଭୁଲି ଯୁବକ ଓ ଛାତ୍ରମାନେ ଏଥିରେ ଲିପ୍ତ ରହୁଛନ୍ତି। ତମାଖୁ ସେବନ ଯୋଗୁ ଅନେକ ସମୟରେ ଲୋକମାନେ କର୍କଟ ଭଳି ରୋଗର ଶୀକାର ହୋଇ ଅକାଳରେ ମୃତ୍ୟୁମୁଖରେ ପଡୁଛନ୍ତି। ସୁସ୍ଥ ଜୀବନଯାପନ ପାଇଁ ତମାଖୁ ବର୍ଜନର ଆବଶ୍ୟକତା ଉପରେ ସମସ୍ତେ ଗୁରୁତ୍ୱାରୋପ କରିଥିଲେ।


ଭର୍ଚୁଆଲରେ ଯୋଗଦେଇଥିବା ଅଧ୍ୟାପକ, ଛାତ୍ରୀଛାତ୍ର।

ସ୍ନାତକ କଲେଜ ୟୁଥ୍ ରେଡକ୍ରସ୍‌ର ସଂଯୋଜକ ଅଧ୍ୟାପକ ଦେବେଶ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ପ୍ରାଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଝାରସୁଗୁଡ଼ା ଅଫିସ,୩୧।୫: ଝାରସୁଗୁଡ଼ା ଲକ୍ଷ୍ମୀ ନାରାୟଣ କଲେଜର ପ୍ରାଣୀବିଜ୍ଞାନ ବିଭାଗ ପ୍ରାଧ୍ୟାପକ ବିକ୍ରମ କେଶରୀ ରାଉତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସୋମବାର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବକ୍ତାମାନେ ପ୍ରାଧ୍ୟାପକ ରାଉତ ଜଣେ ଛାତ୍ର ବତ୍ସଳ, ପରୋପକାରୀ ଓ ବନ୍ଧୁ ବତ୍ସଳ ବ୍ୟକ୍ତି ଥିଲେ। କଲେଜର ବିକାଶ ପାଇଁ ତାଙ୍କର ଅବଦାନ ପ୍ରଶଂସନୀୟ ବୋଲି ମତ ଦେଇଥିଲେ। ପୂର୍ବତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପ୍ରାଧ୍ୟାପକ ନରେନ୍ଦ୍ର କୁମାର ପଣ୍ଡା, ବିଭୂତି ଭୂଷଣ ଦାସ, ନରସିଂହ ପାଣିଗ୍ରାହୀ, ତପନ କୁମାର ବାରିକ, ପ୍ରାଧ୍ୟାପିକା ସ୍ମିତା ବୋଷ, ଜଗଦୀଶ ପଟେଲ, ଅଶୋକ କୁମାର ପଟେଲ, ସୌକିଲାଲ୍ ପ୍ରଧାନ ପ୍ରମୁଖ ଯୋଗଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### ଜିଲା ଯୁବ ବିଜେଡି ପକ୍ଷରୁ କରୋନା ସମ୍ପର୍କୀତ ଭର୍ଚୁଆଲ ବୈଠକ

ଦେବଗଡ,୩୧।୫(ଡି.ଏନ.ଏ): ଦେବଗଡ ଜିଲାରେ କରୋନା ସ୍ଥିତି ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା ନିମନ୍ତେ ଦେବଗଡ ଜିଲା ଯୁବ ବିଜୁ ଜନତା ଦଳ ପକ୍ଷରୁ ରବିବାର ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବଗଡ ଜିଲା ଯୁବ ବିଜୁ ଜନତା ଦଳ ସଭାପତି ପ୍ରତାପ ଦେବଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଭର୍ଚୁଆଲ ବୈଠକରେ ବିଜେଡିର ବରିଷ୍ଠ ନେତା ତଥା ଦେବଗଡ ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ, ଦେବଗଡ଼ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଦେବଗଡ ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ, ବିଜେଡି ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଇଂ.ସୁଜିତ କୁମାର ପ୍ରଧାନ, ପୂର୍ବତନ ନଗର ସଭାପତି କାମାକ୍ଷା ଗଙ୍ଗଦେବ, ତିଲେଇବଣି ବ୍ଲକ ଯୁବ ବିଜେଡି ସଭାପତି ସୁନୀଲ କୁମାର ସାହୁ, ବାରକୋଟ ବ୍ଲକ ଯୁବ ବିଜେଡି ସଭାପତି ସିକୁନ ପ୍ରଧାନ, ରିଆମାଳ ବ୍ଲକ ଯୁବ ବିଜେଡି ସଭାପତି ଆଲୋକ କୁମାର ପ୍ରଧାନ, ମହିଳା ବିଜେଡି ନେତ୍ରୀ ଅରୁଣି ପ୍ରଧାନ ଓ ଅର୍ଚ୍ଚନା ପ୍ରଧାନଙ୍କ ସମେତ ବହୁ ବିଜେଡି ଓ ଯୁବ ବିଜେଡି ନେତା ଅଂଶ ଗ୍ରହଣ କରି ଜିଲାରେ କରୋନାର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଗ୍ରାମାଞ୍ଚଳର ଲୋକଙ୍କୁ କୋଭିଡ୍ ପରୀକ୍ଷା ଓ ଚିକିତ୍ସା ସମ୍ପର୍କରେ ସଚେତନତା ସୃଷ୍ଟି କରିବା, ଅସମୟରେ ରୋଗୀମାନଙ୍କର ଉପଯୁକ୍ତ ଚିକିତ୍ସା ଉପରେ ଗୁରୁତ୍ୱ ପ୍ରଦାନ କରିବା, ଗ୍ରାମାଞ୍ଚଳରେ ହୋମ ଆଇସୋଲେସନରେ ରହି ଚିକିତ୍ସିତ ହେଉଥିବା ରୋଗୀଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ଏବଂ ସେମାନଙ୍କୁ ଉପଯୁକ୍ତ ସେବା ଯୋଗାଇବା ନିମନ୍ତେ ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀମାନଙ୍କୁ ଉତ୍ସାହିତ କରିବା ଆଦି ଉପରେ ଆଲୋଚନା କରିଥିଲେ। ସେହିପରି କରୋନା କାଳରେ ଗରିବ ଅସହାୟ ଲୋକଙ୍କୁ ଆବଶ୍ୟକ ସ୍ଥଳେ ଦଳ ପକ୍ଷରୁ ରନ୍ଧାଖାଦ୍ୟ ଏବଂ ଖାଦ୍ୟ ସାମଗ୍ରୀ ପ୍ରଦାନ ଉପରେ ମଧ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

### ଡାଲମିଆ ସିମେଣ୍ଟ ତରଫରୁ ରନ୍ଧାଖାଦ୍ୟ ବଣ୍ଟନ

ରାଜଗାଙ୍ଗପୁର, ୩୧।୫ (ଡିଏନଏ): ଲକ୍‌ଡାଉନ ଆରମ୍ଭରୁ ଡାଲମିଆ ସିମେଣ୍ଟ ରାଜଗାଙ୍ଗପୁର ପରିବହନ ବିଭାଗ ତରଫରୁ ଦୂର ଅଞ୍ଚଳରୁ ଆସୁଥିବା ଟ୍ରକ ଚାଳକ, ସହାୟକ, ଅସହାୟ ଓ ଭୋକିଲା ଗରିବଲୋକଙ୍କୁ ମଧ୍ୟାହ୍ନଭୋଜନ ଏବଂ ଅପରାହ୍ନ ଭୋଜନ ଟ୍ରକ ମାଲିକ ସଂଘ ସହାୟତାରେ କମ୍ପାନୀର ପାର୍କିଂ ୟାର୍ଡ଼ରେ ଦିଆଯାଉଛି। ଦୈନିକ ଭୋଜନ ସହିତ ସେମାନଙ୍କୁ ମାସ୍କ ମଧ୍ୟ ପ୍ରଦାନ କରାଯାଉଛି। ଲକ୍‌ଡାଉନରେ ଯେତେବେଳେ ସବୁ ହୋଟେଲ-ଢ଼ାବା ବନ୍ଦ ଅଛି, ତେବେ ଚାଳକଙ୍କୁ କୋଣସି ଅସୁବିଧା ନ ହେବାପାଇଁ କମ୍ପାନୀ ଦ୍ୱାରା ଏହା ଏକ ଛୋଟ ପ୍ରୟାସ। ଭୋଜନ ବଣ୍ଟନ ସମୟରେ କୋଭିଡ କଟକଣା ଓ ଜିରୋ ସଂକ୍ରମଣର ବିଶେଷ ଧ୍ୟାନ ରଖାଯାଇଛି। ସୋମବାର ଡାଲମିଆ ସିମେଣ୍ଟ ରାଜଗାଙ୍ଗପୁର ପରିବହନ ବିଭାଗର ମୁଖ୍ୟ ଅଭିଷେକ ଚନ୍ଦ୍ରା ଏବଂ ସେଲସ ହେଡ ସଞ୍ଜୟ ସିଂ ନିଜେ ଟ୍ରକ ପାର୍କିଂ ୟାଡ୍‌ରେ ଉପସ୍ଥିତ ରହି ମଧ୍ୟାହ୍ନଭୋଜନ ବଣ୍ଟନ କରିଥିଲେ। ସାମାଜିକ ଦୂରତା ରକ୍ଷା ନ କରିବା, ମାସ୍କ ନ ପିନ୍ଧିବା, ଉପଯୁକ୍ତ ଭାବରେ ହାତ ନ ଧୋଇବା ଭଳି ଘଟଣା ଆଗକୁ ଆସିଲେ କମ୍ପାନୀ ତରଫରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି।

# ଠିକା କାମକୁ ନେଇ ୨ଗୋଷ୍ଠୀ ମାରପିଟ

**ଥାନାରେ ମାମଲା, ୮ ଗିରଫ**


ଗିରଫ ପ୍ରତିବାଦରେ ବଡମାଲ ଥାନା ସମ୍ମୁଖରେ ଶତାଧିକ ଗ୍ରାମବାସୀ।

ଝାରସୁଗୁଡ଼ା ଅଫିସ,୩୧।୫

ଝାରସୁଗୁଡ଼ା ଜିଲା ବଡମାଲ ଥାନା ଅନ୍ତର୍ଗତ ମଲ୍‌ଦା ଗ୍ରାମରେ ଠିକା କାମକୁ ନେଇ ୨ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଛି। ଏ ନେଇ ପଞ୍ଚାୟତ ଜିଆର୍‌ଏସ୍ ଭୀଷ୍ମଦେବ ପାତ୍ର ଥାନାରେ ଗ୍ରାମର କେତେଜଣ ଯୁବକ ତାଙ୍କୁ ଚାନ୍ଦା ମାଗୁଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଥାନା କେସ୍ (ନଂ.୧୦୨/୨୧)ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଏଥିରେ ସମ୍ପୃକ୍ତ ଥିବା ଗ୍ରାମର ୮ ଯୁବକଙ୍କୁ ପୋଲିସ ସୋମବାର ଗିରଫ କରି କୋଭିଡ୍ ନିୟମ ଅନୁଯାୟୀ ଥାନାରୁ ନୋଟିସ ଜାରିକରି ଛାଡିଦେଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁରଥ ପ୍ରଧାନ, ନରେନ୍ଦ୍ର ସିଂହ, ରଶ୍ମିରଞ୍ଜନ ସାହୁ, ବୈକୁଣ୍ଠ କିଷାନ, ସଞ୍ଜିତ କିଷାନ, ସଞ୍ଜୟ କିଷାନ, ଅମୂଲ୍ୟ କର୍ତ୍ତା ଓ ଜଗନ୍ନାଥ ସାହୁ। ଅପର ଗୋଷ୍ଠୀ ତରଫରୁ ଅଭିଯୋଗକାରୀଙ୍କ ନାମରେ ପାଲଟା ଅଭିଯୋଗ ହୋଇଥିଲେ ମଧ୍ୟ ଏ ନେଇ ପୋଲିସ କୌଣସି ମାମଲା ରୁଜୁ କରିନାହିଁ। ଏହାର ପ୍ରତିବାଦରେ ଗ୍ରାମର ଶତାଧିକ ଲୋକ ଥାନାରେ ପହଞ୍ଚି ପାଲଟା ଅଭିଯୋଗ ଉପରେ ମାମଲା ରୁଜୁକର ନଚେତ ଗିରଫ ଅଭିଯୁକ୍ତଙ୍କ ଉପରୁ ମାମଲା ପ୍ରତ୍ୟାହାର କର ବୋଲି ଦାବି କରିଥିଲେ। ସୂଚନା ଯୋଗ୍ୟ ଗ୍ରାମର କେତେଜଣ ଯୁବକ ସରପଞ୍ଚଙ୍କୁ କହିଥିଲେ, ପ୍ରଥମେ ପୋଖରୀ ପୁନରୁଦ୍ଧାର କାମ କର ତା'ପରେ ଗ୍ରାମର ଅନ୍ୟାନ୍ୟ କାମ କରିବ। ଏହାକୁ ସରପଞ୍ଚ ନ ଶୁଣି ପ୍ରଥମେ ଗ୍ରାମର ଡ୍ରେନ୍ କାମ କରାଇଥିଲେ। ଗ୍ରାମର ଯୁବକମାନେ ବିରୋଧ କଲାପରେ ମଧ୍ୟ ଡ୍ରେନ୍ କାମ ଜାରି ରହିଥିଲା। ଫଳରେ ଡ୍ରେନ୍ କାମ କରୁଥିବା ଠିକାଦାର ଓ ଗ୍ରାମର ଯୁବକଙ୍କ ମଧ୍ୟରେ ମୁହାଁମୁହିଁ ହୋଇ ମାରପିଟ ହୋଇଥିଲା। ଏ ନେଇ ସ୍ଥାନୀୟ ସରପଞ୍ଚ ପ୍ରସନ୍ନ ବିଶ୍ୱାଳ କହିଛନ୍ତି, ପୋଖରୀ ପୁନରୁଦ୍ଧାର ପାଇଁ ଏମ୍‌ଏଲ୍‌ଏ ପାଣ୍ଠି ଆସିବା କଥା, ହେଲେ ତାହା ଏବେସୁଦ୍ଧା ଆସିନାହିଁ। ଗ୍ରାମବାସୀ ପ୍ରଥମେ ପୋଖରୀ ପୁନରୁଦ୍ଧାର ପାଇଁ କହୁଥିଲେ ମଧ ପାଣ୍ଠି ନ ଥିବାରୁ ଏହା ସମ୍ଭବନୁହେଁ। ପାଣ୍ଠି ଆସିଲେ ଏହା କରାଯିବ।

# ସୁସ୍ଥ ରୋଗୀଙ୍କୁ ଘରେ ପହଞ୍ଚାଇଲେ ସାମାଜିକ କର୍ମୀ

ସମ୍ବଲପୁର,୩୧।୫(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ଭିମ୍‌ସାରରେ ପଶ୍ଚିମ ଓଡ଼ିଶାର ବହୁ କୋଭିଡ୍ ଓ ଅଣକୋଭିଡ୍ ରୋଗୀ ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ ଶଟ୍‌ଡାଉନ ଓ ଲକ୍‌ଡାଉନ ପାଇଁ ସାଧାରଣ ବସ୍ ସେବା ବନ୍ଦ ରହିଥିବାବେଳେ ଚିକିତ୍ସିତ ହେଉଥିବା ରୋଗୀ ସୁସ୍ଥ ହେବା ପରେ ନିଜ ଘରକୁ ଫେରିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି ସମୟରେ ଜଣେ ସାମାଜିକ କର୍ମୀ ସହାୟତାର ହାତ ବଢାଇ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ସୂଚନା ଅନୁସାରେ ବରଗଡ ଜିଲା ସରଳା ଗ୍ରାମର ୪୨ ବର୍ଷୀୟ ପୁରନ୍ଦର ବାଗ୍ କୋଭିଡ୍‌ରେ ଆକ୍ରାନ୍ତ ହୋଇ ଗତ ମେ ୧୬ ତାରିଖରେ ଭିମ୍‌ସାରରେ ଭର୍ତ୍ତି ହୋଇଥିଲେ। ସେ ସୁସ୍ଥ ହେବା ପରେ କିପରି ଗାଁକୁ ଫେରିବେ ସେହି ଚିନ୍ତାରେ ପଡିଥିଲେ। ସାମାଜିକ କର୍ମୀ ନିହାଲ ସିଂ ଏହା ଜାଣିବା ପରେ ନିଜ କାର୍‌ରେ ପୁରନ୍ଦରଙ୍କୁ ଭିମ୍‌ସାରରୁ ୬୦ କି.ମି. ଦୂର ସରଳା ଗ୍ରାମକୁ ନେଇଥିଲେ। ଏହି କାର୍ଯ୍ୟରେ ନିହାଲଙ୍କୁ ଶିବଶଙ୍କର ପଧାନ, ଶେଖ ଇନ୍ତିକାଫ ପ୍ରମୁଖ ସହଯୋଗ କରିଥିଲେ। ନିହାଲଙ୍କ ଏହି ମହତ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି।

# ସମ୍ବଲପୁରରେ ହେବ ୧୧୦ ଶଯ୍ୟାବିଶିଷ୍ଟ ଆଉ ଏକ କୋଭିଡ୍ ହସ୍ପିଟାଲ

ସମ୍ବଲପୁର,୩୧।୫(ବ୍ୟୁରୋ)

ସମ୍ବଲପୁର ସହରରେ ୧୧୦ ଶଯ୍ୟାବିଶିଷ୍ଟ ଆଉ ଏକ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହେବ। ଏହାକୁ ବିକାଶ ଗ୍ରୁପ ପରିଚାଳନା କରିବ। ଏଥିରେ ରାଜ୍ୟ ସରକାରଙ୍କ ସମସ୍ତ ସହଯୋଗ ରହିବ। ଏହି ମେଡିକାଲରେ ୮୦ଟି ଏଚ୍‌ଡିୟୁ ସହ ୨୦ଟି ଆଇସିୟୁ ଏବଂ ୧୦ଟି ଭେଣ୍ଟିଲେଟର ରହିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ସୋମବାର ସମ୍ବଲପୁରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସୂଚନା ଦେଇଛନ୍ତି। ବୈଠକରେ ସମ୍ବଲପୁର ଜିଲା ପ୍ରଶାସନର ସମସ୍ତ ଅଧିକାରୀ, ବିକାଶ ଗ୍ରୁପ୍‌ର କର୍ମକର୍ତ୍ତା, ସମ୍ବଲପୁର କୋଭିଡ୍ ମେଡିକାଲର ନୋଡାଲ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ବ୍ଲାକ ଫଙ୍ଗସ୍ ନେଇ ମନ୍ତ୍ରୀ କହିଥିଲେ, ଏପର୍ଯ୍ୟନ୍ତ ଓଡ଼ିଶାରେ ୨୫ ଜଣ ବ୍ଲାକ ଫଙ୍ଗସ୍ ରୋଗୀ ଚିହ୍ନଟ ହୋଇଛନ୍ତି। ସେଥି ମଧ୍ୟରୁ ୩ ଜଣଙ୍କ ମୃତ୍ୟୁ ହୋଇଛି।

# ଉନ୍ନୟନ କମିଟି ବିଡିଓ, ଥାନାଧିକାରୀଙ୍କ ଦ୍ୱାରସ୍ଥ

ଦେଓଗାଁ, ୩୧।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। କମ୍‌ଦିନ ମଧ୍ୟରେ ଦେଓଗାଁ ବଙ୍ଗଳା ଛକ, ଏଟିଏମ ଛକ, ବସ୍‌ଷ୍ଟାଣ୍ଡ ଓ କଲେଜ ଛକ ନିକଟରୁ ବାରମ୍ବାର ଚୋରି ହୋଇଥିବା ବେଳେ ପୋଲିସ ଏଯାଏ ଚୋରଙ୍କ ପତ୍ତା ପାଇନାହିଁ। ବାହାର ଅଞ୍ଚଳର କେତେକ ଯୁବକ ଗାଁକୁ ଆସି ଅସାମାଜିକ କାର୍ଯ୍ୟ କରୁଥିବା ନଜରକୁ ଆସୁଛି ବୋଲି ଗ୍ରାମ୍ୟ ଉନ୍ନୟନ କମିଟି ଥାନାଧିକାରୀ ପ୍ରଭାତ କୁମାର ମହାନ୍ତିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛି। ପରେ କମିଟି କର୍ମକର୍ତ୍ତା ବିଡିଓ ମୁରଲୀଧର ନାଏକଙ୍କୁ ସାକ୍ଷାତ କରି ଦେଓଗାଁରେ ମୁକ୍ତାକାଶ ବ୍ୟାୟାମଶାଳା ନିର୍ମାଣ, ଦେଓଗାଁ ବସଷ୍ଟାଣ୍ଡ ନିକଟରେ ଶୌଚାଳୟ ନିର୍ମାଣ କରିବାକୁ ଦାବି କରିଥିଲେ। ଚଳିତ ମାସରେ ଦେଓଗାଁ ସୋନଗଡ ନଦୀ କୂଳରେ ଅବସ୍ଥିତ ଇନ ଟେକୱେଲ ପାଖରେ ଗ୍ୟାଲେରୀ ନିମାଣ କରାଯାଇଥିଲା। ସେହି ଗ୍ୟାଲେରି କାମ ନିମ୍ନମାନର ହୋଇଥିବାରୁ ଆଜକୁ ୯/୧୦ଦିନ ଧରି ଗୋଳିଆ ଦୂଷିତ ପାଣି ପାଇପରେ ଆସୁଛି। ଏଦିଗରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ଡା, ଶଶୀଭୂଷଣ ସାହୁ, ସମ୍ପାଦକ କୃଷ୍ଣପ୍ରସାଦ ପାଣିଗ୍ରାହୀ, କୈଳାଶ ତାଣ୍ଡି, ବିଶ୍ୱଜିତ ପାତ୍ର, ଶୈଳେନ୍ଦ୍ର ସାହୁ, ସଞ୍ଜୟ ହୋତା, ଟିଙ୍କୁ ଅଗ୍ରୱାଲ, କାର୍ତ୍ତିକ ମଲ୍ଲିକ, ବସନ୍ତ ଅଗ୍ରୱାଲ,ବୁଲୁ ପାଣ୍ଡେ ପ୍ରମୁଖ ଦାବି କରିଛନ୍ତି।

# ଚାପମୁକ୍ତ, ସୁସ୍ଥ ସ୍ୱାସ୍ଥ୍ୟଯୁକ୍ତ କର୍ମଶାଳା

ଭବାନୀପାଟଣା, ୩୧।୫ (ଡି.ଏନ.ଏ.)

ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପକ୍ଷରୁ ଭାର୍ଚୁଆଲରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଏଡିପିଏଚଓ ନିହାର ରଞ୍ଜନ ପଣ୍ଡା ମୁଖ୍ୟବକ୍ତା ରୂପେ ଯୋଗଦେଇଥିବା ବେଳେ ଭୁବନେଶ୍ୱର କିମ୍ସର ସୌମ୍ୟ ରଞ୍ଜନ ମହାପାତ୍ର, ଶିକ୍ଷକ ପଦାରବିନ୍ଦ ବେହେରା, ବରଗଡର ଶିକ୍ଷାବିତ ଡ଼ା. ବିରେନ୍ଦ୍ର କୁମାର ଯାଦବ, ଦେବେନ୍ଦ୍ର ବିଶି, ଶିକ୍ଷାବିତ ଜାହାଙ୍ଗିର ଖାଁ, ଶିକ୍ଷାବିତ ସୁଜାତା ମୁଣ୍ଡ, ସାମାଜିକ କର୍ମୀ ସଚିଦାନନ୍ଦ ମହାକୁଡ଼, ବ୍ୟଙ୍ଗକାର ସୁଶାନ୍ତ କୁମାର ମିଶ୍ର, ଶିକ୍ଷାବିତ ପ୍ରଦୀପ ସାହୁ ସମୂହ ଅଂଶ ଗ୍ରହଣ କରିଥିଲେ। କୋଭିଡ୍-୧୯ ସମୟରେ କିପରି ସମସ୍ତେ ଚାପମୁକ୍ତ ଓ ସୁସ୍ଥ ସ୍ୱାସ୍ଥ୍ୟଯୁକ୍ତ ହୋଇପାରିବା ଏବଂ ନିଜ ପରିବାର ତଥା ସମାଜକୁ ମହାମାରୀରୁ କିପରି ଦୂରେଇ ରଖିବା ଏବଂ ଏକ ସୁସ୍ଥ ସମାଜ ପରିକଳ୍ପନା ପାଇଁ ସମସ୍ତେ ବକ୍ତବ୍ୟରେ କହିଥିଲେ। କବି ବିରଞ୍ଚି ନାରାୟଣ ମୁଣ୍ଡ ସଂଯୋଜନା କରିଥିଲେ ଓ ଯୁବ କବି ଆଶୁତୋଷ ପୁରୋହିତ ସହଯୋଗ କରିଥିଲେ। ସ୍କୁଲ ଅଧକ୍ଷ ତଥା ପ୍ରତିଷ୍ଠାତା ଶିବରାମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ନୋଡାଲ ଉଚ୍ଚ ବିଦ୍ୟାଳୟର ଭୂମିପୂଜନ

ବାଉଁଶୁଣୀ, ୩୧।୫(ଡି.ଏନ.ଏ.): ବୌଦ୍ଧ ବ୍ଲକ ବାଉଁଶୁଣୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ସୋମବାର ୫-ଟି ରୂପାନ୍ତରଣ କାର୍ଯ୍ୟର ଶୁଭାରମ୍ଭ ଓ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟଅତିଥି ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉପଜିଲାପାଳ ଅଶ୍ୱିନୀ ମେହେର, ବୌଦ୍ଧ ପିଡି ବବିତାରାଣୀ ଦଳବେହେରା, ବିଡ଼ିଓ ଦେବୀ ପ୍ରସାଦ ଦାଶ, ଆର୍କିଟେକ ଇଞ୍ଜିନିୟର ସୁମନ ଷଡ଼ଙ୍ଗୀ, ପ୍ରଧାନ ଶିକ୍ଷକ ପଞ୍ଚାନନ ମିଶ୍ର, ମୋ ସ୍କୁଲ ଅଭିଯାନ ସଭାପତି ଘମୁଡୁ ଦନ୍ତା, ବିଜ୍ଞାନ ନିରୀକ୍ଷକ ଦେବେନ୍ଦ୍ର ଦେହୁରୀ, ଅବସରପ୍ରାପ୍ତ ବିଇଓ ଦଶରଥ ମେହେର, ଆଲୁମନି ସଦସ୍ୟ ଇଂ. ରାକେଶ ତ୍ରିପାଠୀ, ସୁନୀଲ ବାରିକ, ଅନିରୁଦ୍ଧ ମହାକୁଳ, ବିକ୍ରମ ମହାକୁଳଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସ୍କୁଲର ଖେଳ ଶିକ୍ଷକ ସୁରେନ୍ଦ୍ର ନାଥ ଦାସ, ଖଗେଶ୍ୱର ମେହେର, ସନ୍ତୋଷ ଥନାପତି ପ୍ରମୁଖ ସହଯୋଗ କରିଥିଲେ।

# କୋଭିଡ୍ ଟିକାକରଣ ଦାବିରେ ସ୍ମାରକପତ୍ର


ଟିକା ଦାବିରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ବରଗଡ଼ ଅଫିସ,୩୧।୫

ବରଗଡ଼ ଜିଲା ଅତାବିରା ନିର୍ବାଚନ ମଣ୍ଡଳୀ ଅଧୀନ ଗ୍ରାମଗୁଡ଼ିକରେ କରୋନା ସଂକ୍ରମଣ ବଢ଼ିଚାଲିଛି। କିନ୍ତୁ ଏଠାରେ ୧୮ରୁ ୪୪ବର୍ଷ ବୟସ୍କଙ୍କ ପାଇଁ କୋଭିଡ୍ ଟିକାକରଣ ବ୍ୟବସ୍ଥା ଏଯାଏ ହୋଇପାରିନାହିଁ। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ସୋମବାର ଭାଜପାର ଏକ ପ୍ରତିନିଧି ଦଳ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ୧୮ରୁ ୪୪ବର୍ଷ ବୟସ୍କଙ୍କୁ କୋଭିଡ୍ ଟିକା, ସମସ୍ତ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ ବ୍ୟବସ୍ଥା ଏବଂ ଅତାବିରା ଓ ଭେଡ଼େନ ବ୍ଲକ ପାଇଁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗାଇ ଦେବାକୁ ସ୍ମାରକପତ୍ରରେ ଦାବି ହୋଇଛି। ଭାଜପା ନେତା ଭରତ ବେହେରା, ସୁନନ୍ଦା ମେହେର, ବିପିନ ଭୋସାଗର, ଲିପ୍‌ସିତ ମିଶ୍ର, ଲକ୍ଷ୍ମଣ ନନ୍ଦ, କ୍ଷୀରେଶ୍ୱରୀ ସ୍ୱାଇଁ, ସୁକାନ୍ତ ଦାଶ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ସମାଧାନ ନ ହେଲେ ଆନ୍ଦୋଳନ

**■ ଝାରସୁଗୁଡ଼ା ଜିଲାରେ ରବି ଧାନ ବିକ୍ରି ସମସ୍ୟା**
**■ ଜିଲାପାଳଙ୍କୁ ଭେଟିଲା କୃଷକ ସଙ୍ଗଠନ**

ଝାରସୁଗୁଡ଼ା ଅଫିସ,୩୧।୫


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଜିଲା କୃଷକ ସଙ୍ଗଠନର ପ୍ରତିନିଧି ଦଳ।

ଝାରସୁଗୁଡ଼ା ଜିଲାରେ ବିଗତ ବର୍ଷ ଭଳି ଚଳିତବର୍ଷ ରବି ଧାନ ବିକ୍ରିକୁ ନେଇ କେତେକ ସମସ୍ୟା ଦେଖାଦେଇଛି। ଚାଷୀଙ୍କ ନାମ ପଞ୍ଜୀକରଣ, ଟୋକନ୍ ଓ ଟାର୍ଗେଟ୍ ଆଦି ସମସ୍ୟା ଲାଗିରହିଥିବାବେଳେ ଚାଷୀମାନେ ନିଜର ଉତ୍ପାଦିତ ଫସଲ ବିକ୍ରି କରି ନ ପାରି କମ୍ ମୂଲ୍ୟରେ ଅସାଧୁ ବ୍ୟବସାୟୀଙ୍କୁ ଦେବାପାଇଁ ବାଧ୍ୟ ହେଉଛନ୍ତି। ଏପରିସ୍ଥିତିରେ ଜିଲା କୃଷକ ସଙ୍ଗଠନର ଏକ ପ୍ରତିନିଧି ଦଳ ସୋମବାର ଜିଲାପାଳ ସରୋଜ କୁମାର ସାମଲଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଜିଲାପାଳ ସାମଲ, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ଓ ଜିଲା ଯୋଗାଣ ଅଧିକାରୀ ଉମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଚାଷୀ ପ୍ରତିନିଧିଙ୍କ ସହିତ ଆଲୋଚନା କରି ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିନିଧି ଦଳ ଜିଲା କୃଷି ଅଧିକାରୀ ବଳବିର ସିଂହଙ୍କୁ ମଧ୍ୟ ଏ ସମ୍ପର୍କରେ ଅବଗତ କରିଥିଲେ। ଚାଷୀଙ୍କ ସମସ୍ୟା ନିର୍ଦ୍ଧାରିତ ସମୟରେ ସମାଧାନ ନ ହେଲେ ଜିଲା କୃଷକ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ପ୍ରତିନିଧି ଦଳରେ ଜିଲା ସଭାପତି ଦିଲୀପ ବଡ଼େଇ, ପ୍ରବକ୍ତା ବିରଞ୍ଚି ସାହୁ, ଜୟଦୁର୍ଗା କୃଷକ ସଙ୍ଗଠନ ସଭାପତି ଜଗବନ୍ଧୁ ସା, ସାମାଜିକ କର୍ମୀ ଜନାର୍ଦ୍ଦନ ପଣ୍ଡା, ଚାଷୀ ଶରତ ଚନ୍ଦ୍ର ବିଶ୍ୱାଳ ଓ ସତ୍ୟାନନ୍ଦ ରଣବୀର ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଚଳିତ ରବିଧାନ ସଂଗ୍ରହକୁ ନେଇ ରାଜ୍ୟ ସରକାର କେତେକ ନିୟମ କରିଛନ୍ତି। କେନାଲ, ଗଭୀର ନଳକୂପ ଓ ଉଠାଜଳସେଚନ ମାଧ୍ୟମରେ ଜଳସେଚିତ ଜମିର ଚାଷୀମାନେ ଧାନବିକ୍ରି ପାଇଁ ଯୋଗ୍ୟ ହୋଇ ନିଜର ନାମ ପଞ୍ଜୀକରଣ କରିପାରିବେ। ଅଣଜଳସେଚିତ ଜମିରେ ହୋଇଥିବା ଧାନଚାଷକୁ ସରକାର ସ୍ୱୀକୃତି ଦେଇନାହାନ୍ତି। ହେଲେ ଜିଲାର ବହୁ ପରିମାଣ ଅଣଜଳସେଚିତ ଜମିରେ ଚାଷୀମାନେ ଧାନଚାଷ କରିଛନ୍ତି। ହୀରାକୁଦ ଜଳଭଣ୍ଡାରର ୬୩୨ (ଆର୍‌ଏଲ୍) ସୀମାନ୍ତବର୍ତ୍ତୀ ଅଞ୍ଚଳରେ ବହୁ ଭୂମିହୀନ ଚାଷୀ ଧାନଚାଷ କରୁଛନ୍ତି। ଏହି ଚାଷୀମାନେ ନାମ ପଞ୍ଜୀକରଣରୁ ବଞ୍ଚିତ ହୋଇ ନିଜର ଉତ୍ପାଦିତ ଧାନ କିଭଳି ବିକ୍ରି କରିବେ ସେହି ଚିନ୍ତାରେ ଅଛନ୍ତି। ପୁଣି ଚାଷୀମାନେ ଯେଉଁ ପରିମାଣରେ ଧାନଚାଷ କରିଛନ୍ତି ତା'ଠାରୁ ବହୁ କମ୍ ପରିମାଣରେ ଧାନବିକ୍ରି ପାଇଁ ଟାର୍ଗେଟ୍ ଆସିଛି। ବାକି ଧାନ ଚାଷୀ କିଭଳି ବିକ୍ରି କରିବେ ତାହା ସମସ୍ୟା ସୃଷ୍ଟି କରିଛି। କେତେଜଣ ପଞ୍ଜୀକୃତ ଚାଷୀଙ୍କ ଟୋକନ୍ ଆସିଥିବାବେଳେ ଆଉ କେତେଜଣଙ୍କ ଆସିନାହିଁ। ଗତ ୧୮ତାରିଖରୁ ଜିଲାରେ ରବି ଧାନ ସଂଗ୍ରହ ଆରମ୍ଭ ହୋଇଥିବାବେଳେ ଏହା ମନ୍ଥର ଗତିରେ ଚାଲିଛି। ଟୋକନ୍ ସମୟସୀମା ଅତିବାହିତ ହେବାକୁ ବସିଥିବାରୁ ଚାଷୀଙ୍କୁ ଏହି ଚିନ୍ତା ଘାରିଛି।